

ଯେଉଁମାନେ ସବୁ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି, ସେଇମାନେ ହିଁ ସାଧାରଣତଃ ଅଳସୁଆ।
- ହେନେରୀ ଫର୍ଡ



## ସଂକ୍ଷେପରେ

### ବିନା ଏସିରେ ଚାଲୁଛି ୧୦୮ ଆମ୍ବୁଲାନ୍ସ

ଲେଫ୍ରିପଡ଼ା,୧୩।୫(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୧୦୮ ଆମ୍ବୁଲାନ୍ସ ଗାଡିରେ ଦୀର୍ଘ ଦିନ ହେଲା ଏସି ଖରାପ ହୋଇରହିଛି। ଫଳରେ ୧୦୮ ଆମ୍ବୁଲାନ୍ସରେ ଯାଉଥିବା ରୋଗୀ ଗ୍ରୀଷ୍ମର ପ୍ରକୋପରେ ଉହଳବିକଳ ହେଉଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟସେବା ଦିଗରେ ଜନସାଧାରଣ ଭରସା କରି ୧୦୮ ଆମ୍ବୁଲାନ୍ସକୁ ଆପଣାଉଥିବା ବେଳେ ଗାଡିରେ ଅବ୍ୟବସ୍ଥା ଯୋଗୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ଲେଫ୍ରିପଡ଼ା ବ୍ଲକରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆମ୍ବୁଲାନ୍ସରେ ଏସି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ରହୁ ନ ଥିବାରୁ ବହୁ କଷ୍ଟରେ ରୋଗୀଙ୍କୁ ସରକାରୀ ଚିକିତ୍ସାଳୟକୁ ନିଆଯାଉଛି। ଏହି ସମସ୍ୟା ପ୍ରାୟ ଦୀର୍ଘଦିନରୁ ରହିଥିବା ରୋଗୀମାନେ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ହେଲେ ଏହାର କୌଣସି ପ୍ରତିକାର କରାଯାଉ ନ ଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ ଜିଲାରେ ୧୦୮ ଆମ୍ବୁଲାନ୍ସ ସେବା ବୁଝୁଥିବା ଅଧିକାରୀ ଫକୀର କୁମାର ମଲ୍ଲିକଙ୍କୁ ପଚାରିବାରୁ ଲେଫ୍ରିପଡ଼ାରେ ଥିବା ୧୦୮ ଆମ୍ବୁଲାନ୍ସ ସେବା ଗାଡିରେ ଏସି ଚାଲୁ ନ ଥିବା ଘଟଣାକୁ ସ୍ୱୀକାର କରିଥିଲେ। ଅତ୍ୟଧିକ ଜରୁରୀ ଅବସ୍ଥାରେ ରୋଗୀଙ୍କୁ ଡୁଡୁକାରେ ଥିବା ଗାଡି କିମ୍ବା ଅନ୍ୟ ବ୍ଲକରୁ ଗାଡି ପଠାଉଛୁ ବୋଲି କହିଥିଲେ। ଖୁବ୍ ଶୀଘ୍ର ଆମ୍ବୁଲାନ୍ସର ରିପେୟାରିଂ କରି କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

## ହିତାଧିକାରୀଙ୍କୁ ମିଳିଲାନି ଚାଉଳ
# ପଞ୍ଚାୟତ ଅଫିସରେ ପକାଇଲେ ତାଲା

ବଣାଇଁ,୧୩।୫(ସ୍ୱ.ପ୍ର.)

ଟଙ୍କିକିଆ ଚାଉଳ ନ ପାଇ ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଲହୁଣିକପଡ଼ା ବ୍ଲକ ଅଧୀନ ହଳଦୀକୁଦର ପଞ୍ଚାୟତ କାର୍ଯ୍ୟାଳୟ ସୋମବାର ହିତାଧିକାରୀମାନେ ତାଲା ପକାଇ ଦେଇଥିଲେ। ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ମଧ୍ୟାହ୍ନ ୧୨ଟାରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷେ କେତେଜଣ ବ୍ୟକ୍ତିଙ୍କ ଷଡଯନ୍ତ୍ର ଯୋଗୁ ପଞ୍ଚାୟତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ନେଇ ସରପଞ୍ଚ ମହୁଲପଦା ଥାନାରେ ଏକ ଅଭିଯୋଗ କରିଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ପଞ୍ଚାୟତରେ ୧୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଛନ୍ତି। ଚଳିତମାସରେ ପଞ୍ଚାୟତ ପକ୍ଷରୁ ୮ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଛି। ଅବଶିଷ୍ଟ ୭ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସୋମବାର ସକାଳେ ଚାଉଳ ନେବାପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଜଣେ ଯୋଗାଣ ସହାୟିକା ଚାଉଳ ବଣ୍ଟନ କରୁଥିବା ବେଳେ ଯେଉଁ ହିତାଧିକାରୀଙ୍କ କାର୍ଡ ଆଧାର ସହ ଲିଙ୍କ୍ ହୋଇଛି ତାଙ୍କୁ ଚାଉଳ ଯୋଗାଇ ଦିଆଯିବ। ଏପରି କି ଯେଉଁ ହିତାଧିକାରୀଙ୍କ କାର୍ଡ ଆଧାର ସହ ଲିଙ୍କ୍ ହୋଇ ନାହିଁ ତାଙ୍କୁ ଚାଉଳ ଦିଆଯିବ ନାହିଁ ବୋଲି କହିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଉତ୍ୟକ୍ତ ହିତାଧିକାରୀମାନେ ସକାଳ ୮ଟାରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ଯୋଗାଣ ସହାୟିକାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଦୀର୍ଘ ୪ଘଣ୍ଟା ଧରି ଅଟକ ରହିଥିଲେ। ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ପ୍ରତ୍ୟେକ ମାସ ପ୍ରଥମ ସପ୍ତାହରେ ହିତାଧିକାରୀମାନଙ୍କୁ ଚାଉଳ ଦେବାର ନିର୍ଦ୍ଦେଶ ରହିଛି। ହେଲେ ଏଥିରେ ବ୍ୟତିକ୍ରମ ଦେଖା ଦେଉଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଏନେଇ ବ୍ଲକ ପ୍ରଶାସନକୁ ଜଣାଯାଇଥିଲା। ଯୋଗାଣ ନିରୀକ୍ଷକ ସମସ୍ତ ହିତାଧିକାରୀଙ୍କୁ ଚାଉଳ ଦେବାପାଇଁ ନିର୍ଦ୍ଦେଶ ଦେବା ପରେ ହିତାଧିକାରୀମାନେ ତାଲା ଖୋଲିଥିଲେ। ପରେ ହିତାଧିକାରୀମାନଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ଖରାରେ ହିତାଧିକାରୀମାନେ ଧାଡିରେ ଠିଆ ହୋଇ ଚାଉଳ ନେଉଥିବା ଦେଖିବାକୁ ମିଳିଥିଲା।



ହିତାଧିକାରୀମାନେ ପଞ୍ଚାୟତ ଅଫିସରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

- କର୍ମଚାରୀ ୪ଘଣ୍ଟା ଅଟକ
- ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ଖୋଲିଲା ତାଲା
- ପ୍ରଚଣ୍ଡ ଖରାରେ ଧାଡିରେ ଠିଆହେଲେ ହିତାଧିକାରୀ

# ଟ୍ରକ୍ ପଛରେ ପିଟିହେଲା ବୋଲେରୋ, ଜଣେ ମୃତ

ସୁନ୍ଦରଗଡ଼,୧୩।୫(ଡି.ଏନ୍.ଏ.)

ସୁନ୍ଦରଗଡ ସହର ଉପକଣ୍ଠ ଭୋଜପୁର ନିକଟରେ ବିଜୁ ଏକ୍ସପ୍ରେସ ୱେ ୧୦ ନମ୍ବର ରାଜ୍ୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଏକ ବୋଲେରୋ ଟ୍ରକ ପଛପଟେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ରାଜଗାଙ୍ଗପୁର ଷ୍ଟେସନପଡ଼ାର ସଞ୍ଜୟ କୁମାର ସାହୁ (୪୨)। ଆହତମାନେ ହେଲେ ଗୋପାଳ କୁର୍ମୀ, ନବୀନ ରାୟ ଓ ଶେଖ ଅବଦୁଲ। ମିଳିଥିବା ସୂଚନା ମୁତାବକ, ସଞ୍ଜୟ ଏବଂ ତାଙ୍କର ୩ ସାଙ୍ଗ ଗୋପାଳ, ନବୀନ ଏବଂ ଶେଖ ଅବଦୁଲ ଏକ ବୋଲେରୋ ଗାଡି(ନଂ.ଓଡି ୨୩ ବି-୫୭୫୮)ରେ ସୁନ୍ଦରଗଡ ସହରକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ସେମାନେ ଭୋଜି ଖାଇ ରାତି ପ୍ରାୟ ସାଢେ ୧୨ଟାରେ ଘରକୁ ଫେରୁଥିବା ବେଳେ ଭୋଜପୁର ବନବାସୀ କଲ୍ୟାଣ ଆଶ୍ରମ ନିକଟରେ ରାସ୍ତାକଡରେ ଛିଡା ହୋଇବା ଏକ ଟ୍ରକ(ନଂ.ସିଜି ୧୧ଏବି ୯୭୮୬) ପଛପଟେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସଞ୍ଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୩ଜଣଙ୍କୁ ଡାକ୍ତର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷେ ବୋଲେରୋ ଗାଡି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି। ଖବର ପାଇ ଟାଉନଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଟାଉନ ଥାନା ପୋଲିସ ଏକ ମାମଲା ରୁଜୁକରି ଗାଡି ଦ୍ୱୟକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

# ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ସ୍ୱତନ୍ତ୍ର ଆସର

ରାଉରକେଲା ଅଫିସ,୧୩।୫

ସୁନ୍ଦରଗଡ଼ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ଛେଣ୍ଡ କଲୋନୀ ଭିଏସ୍ଏସ୍ ମାର୍କେଟ ପରିସରରେ ଏକ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ମୁଖ୍ୟର ଉପଦେଷ୍ଟା ଅଭୟ ଦାସ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦିକା ରଶ୍ମିବାଳା ରାଉତରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ତଥା ବର୍ଷୀୟାନ ସାହିତ୍ୟିକ ଭୂପେନ ମହାପାତ୍ର ଲେଖକୀୟ ଆବୃତ୍ତି ପ୍ରସଙ୍ଗରେ ଆଲୋଚନା କରିଥିଲେ। ସାମ୍ମୁଖ୍ୟ ପକ୍ଷରୁ ଆଗାମୀ ଦିନରେ ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ରଙ୍କୁ ସାହିତ୍ୟାନୁରାଗୀ କରିବା ନେଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ପର୍ଯ୍ୟାୟକ୍ରମେ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଆଦି ସ୍ଥାନରେ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟ ସଭା ଆୟୋଜନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ସହମତି ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ସାମ୍ମୁଖ୍ୟର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ।



ଲେଖକ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

## ବାଇକକୁ ଧକ୍କା ଦେଲା ବୋଲେରୋ: ୩ ଗୁରୁତର

ବଡଗାଁ,୧୩।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଇତମା ଗାଁ ନିକଟ ନଡ଼ିଆପଡାଠାରେ ସୋମବାର ଅପରାହ୍ନ ସାଢ଼େ ୪ଟାରେ ଏକ ବୋଲେରୋ ଗାଡି ଧକ୍କାରେ ୩ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଇତମା ନଡିଆପଡ଼ାର ଦୀପକ ନାଏକ(୩୩), ବିଷ୍ଣୁ ମାଝି (୩୦) ଓ ତରାସଂଘା ଗ୍ରାମର ବିନୋଦ ଟାମ୍ପିଆ। ମିଳିଥିବା ସୂଚନା ମୁତାବକ, ଏକ ବୋଲେରୋ ଗାଡି (ନଂ ଓଡି ୨୫- ୫୮୨୪) ବରଯାତ୍ରୀଙ୍କୁ ଧରି ଯାଉଥିବା ବେଳେ ନଡ଼ିଆପଡାଠାରେ ଭାରସାମ୍ୟ ହରାଇ ଏକ ବାଇକ୍(ନଂ.ଓଡି ୧୬ ଏ-୯୬୭୮) ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ୩ଜଣ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ।

# ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ଆଲୋଚନା

ରାଉରକେଲା ଅଫିସ,୧୩।୫

ଷ୍ଟିଲ ସିଟିର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନା ସଭା ରବିବାର ଛେଣ୍ଡ କଲୋନୀସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ସଂସଦ ସଭାପତି ମହେନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅଙ୍ଗୁରବାଳା ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ରୂପେ ରିମ୍ସ ଅଧ୍ୟକ୍ଷ ଶଙ୍କରପ୍ରସାଦ ତ୍ରିପାଠୀ, ଅନ୍ୟତମ ଅତିଥି ରୂପେ ଡ. ବିଭୂତି ଭୂଷଣ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅର୍ଥନୀତି ଓ ମଧ୍ୟବିତ୍ତ ପରିବାର ଶୀର୍ଷକ ଆଲୋଚନାରେ ଭାଗନେଇ ମୁଖ୍ୟଅତିଥି ତ୍ରିପାଠୀ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରାମର୍ଶଦାତା ରତୀମ ରାୟଙ୍କ ରିପୋର୍ଟ ଅନୁଯାୟୀ ଭାରତର ଅର୍ଥନୀତି ପ୍ରଗତି ହାର ନିମ୍ନଗାମୀ ହୋଇଛି। ଏହାର ପ୍ରଧାନ କାରଣ ହେଲା ମଧ୍ୟବିତ୍ତ ପରିବାରଙ୍କ ଆର୍ଥିକ ବିକାଶ ହୋଇପାରି ନାହିଁ। ନିଯୁକ୍ତି ସୁଯୋଗର ଅଭାବ ଓ ଶୈକ୍ଷିକ ମାନର ଅଭିବୃଦ୍ଧି ହୋଇପାରି ନ ଥିବାବେଳେ ଭିତ୍ତିଭୂମି ବିକାଶର ଗତି ଅତି ମନ୍ଥର ରହିଥିବା ସେ ମତ ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଡ. ପଣ୍ଡା ସ୍ୱରଚିତ ଗଳ୍ପ ଶଙ୍ଖଚିଲ ପାଠ କରିବା ସହ ଗଳ୍ପର ଆଳଙ୍କାରିକ ସମ୍ପର୍କରେ ସମୀକ୍ଷା କରିଥିଲେ। କବୟିତ୍ରୀ ବବିତା ମହାପାତ୍ର ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ କବିତା ଫର୍ଦ୍ଦଟିଏ, କୁଞ୍ଜବିହାରୀ ରାଉତ ଶିଶିର ନାୟକଙ୍କ ରଜାକ ସିନେମା ହଲରେ ବ୍ଲାକ ଟିକେଟ ବିକୁଥିବା ଛୁଆଟି, କାଶୀନାଥ ନନ୍ଦୀ ରାଜୀବ ପାଣିଙ୍କ ଶୀର୍ଷକ କବିତା, ପ୍ରଣତି ବେହେରା ଅଙ୍ଗୁରବାଳା ପରିଡ଼ାଙ୍କ ସହସ୍ର ବସ୍ତ୍ର ଓ ବିଚିତ୍ରାନନ୍ଦ ସାହୁ ତ୍ରିନାଥ ସିଂଙ୍କ ସେମାନଙ୍କ ପୂର୍ବାପର ପାଠ କରିବା ସହ ସମୀକ୍ଷା ଓ ମନ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଭାପତି ପଟ୍ଟନାୟକ ତାଙ୍କ ସଭାପତୀୟ ଅଭିଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କବି ରାଜୀବ ପାଣି, ନୀଳିମା ନାୟକ, ସଞ୍ଜୀବ ଭୋଇ, ଶିବପ୍ରସାଦ ଦାସ, ରେବତୀବଲ୍ଲଭ ବେହେରା, ପ୍ରଭାକର ରାଉତ, କୌସ୍ତୁଭ ସିଂ, ଗଙ୍ଗାଧର ପୁହାଣ, ଅନ୍ନବ ରାଜସିଂ, ଡ. ସତ୍ୟନାରାୟଣ ମିଶ୍ର, ଶିଶିର ନାୟକ, ଅଶୋକ ରାଉତ, ସୁନୀଲ ମହାନ୍ତି, କିଶୋରୀମୋହନ କର, ବିଜୟାଲକ୍ଷ୍ମୀ ପଟ୍ଟନାୟକ, ନୃସିଂହ ବିଶ୍ୱାଳ, ସୁବାସ ମହାପାତ୍ର ଓ ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଆଲୋଚନା ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ବ୍ରାହ୍ମଣୀ ସେତୁ ନିର୍ମାଣସ୍ଥଳରେ କେନ୍ଦ୍ରମନ୍ତ୍ରୀ ଓରାମ

ରାଉରକେଲା ଅଫିସ,୧୩।୫

ଦ୍ୱିତୀୟ ବ୍ରାହ୍ମଣୀ ସେତୁର ଅଗ୍ରଗତି ନେଇ ସୋମବାର କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ ବିଭାଗୀୟ ଠିକା ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଓରାମ ନିର୍ମାଣସ୍ଥଳରେ ପହଞ୍ଚି ବ୍ରିଜ କାର୍ଯ୍ୟ ବୁଲି ଦେଖିଥିଲେ। ସୂଚନାଯୋଗ୍ୟ, ସେତୁ ନିର୍ମାଣ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚାପ ବୃଦ୍ଧି ପାଇବା ପରେ ୩୮୬.୭୫ କୋଟି ଟଙ୍କା ବ୍ୟୟ ଅଟକଳରେ ହାଇଦ୍ରାବାଦର ଠିକା ସଂସ୍ଥା ଜିକେଜି ପ୍ରୋଜେକ୍ଟ ଲିମିଟେଡ୍‌କୁ କାମ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଜଙ୍ଗଲ ଜମି ଅଧିଗ୍ରହଣ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ରାଜ୍ୟ ଓ କେନ୍ଦ୍ର ପରସ୍ପର ମୁହାଁମୁହିଁ ହୋଇଥିଲେ। ଫଳରେ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏବେ ସିକେଜି ପରିବର୍ତ୍ତେ ଏହି ସେତୁକୁ ରାୟପୁରର ଏକ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ନିୟମାନୁସାରେ ସିକେଜି ସମ୍ପୃକ୍ତ ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ପ୍ରଦାନ କରିଥିବା ସୂଚନା ମିଳିଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିବା ବେଳେ ସେତୁ କାର୍ଯ୍ୟ ଗତ ଫେବୃୟାରୀରୁ ସନ୍ତୋଷଜନକ ରହିଥିବା କୁହାଯାଇଛି। ଏ ନେଇ ରହିଥିବା କେତେକ କ୍ଷୁଦ୍ର ପ୍ରତିବନ୍ଧକ ଖୁବଶୀଘ୍ର ଦୂର ହେବ ବୋଲି କେନ୍ଦ୍ରମନ୍ତ୍ରୀ ଓରାମ ଆଶାବ୍ୟକ୍ତ କରିଛନ୍ତି। ମଝିରେ ଯଦି କୌଣସି ବାଧା ସୃଷ୍ଟି ନ ହୁଏ ତେବେ ନିର୍ଦ୍ଧାରିତ ସମୟରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶାବ୍ୟକ୍ତ କରାଯାଇଛି।



ସେତୁ କାର୍ଯ୍ୟ ଅଗ୍ରଗତି ନେଇ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ରମନ୍ତ୍ରୀ।

# ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଜୟଦେବ ଜୟନ୍ତୀ

ରାଉରକେଲା ଅଫିସ,୧୩।୫

ଓଡ଼ିଶାର ମହାନ କବି ତଥା ଗୀତଗୋବିନ୍ଦ ରଚୟିତା ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ପାଳିତ ହୋଇଛି। ମହାନଦୀ କୋଲ୍ ଫିଲ୍ଡ କାର୍ମିକ ବିଭାଗ ନିର୍ଦ୍ଦେଶକ ଲୀଳାନନ୍ଦ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆର୍ଏସ୍‌ପି ଏମ୍ଏମ୍ ପର୍ଚ୍ଚେଜ୍ ବିଭାଗ ଜିଏମ୍ ନିରୋଦ ସାମାନ୍ତରାୟ ଓ ପ୍ରତିଷ୍ଠିତ ଚାଟାର୍ଡ ଆକାଉଣ୍ଟାଣ୍ଟ ତଥା ଆର୍ଟ ଅଫ୍ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ବି.ଡି. ଶିଭାରେ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ମିଶ୍ର ନିଜ ବକ୍ତବ୍ୟରେ ଜୟଦେବଙ୍କ ଜୟନ୍ତୀ ପାଳନ ଏକ ମହତ କାର୍ଯ୍ୟ ବୋଲି କହିବା ସହ ଭଞ୍ଜ କଳାକେନ୍ଦ୍ରର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଭାରତୀୟ ସାଂସ୍କୃତିକ ଐତିହ୍ୟ ମଧ୍ୟରେ ଗୀତଗୋବିନ୍ଦ କାବ୍ୟ ଏକ ଅମୂଲ୍ୟ ରତ୍ନ ବୋଲି ସେ ମତ ପ୍ରକାଶ କରିଥିଲେ। ଅତିଥି ସାମନ୍ତରାୟ କହିଥିଲେ, ଦ୍ୱାଦଶ ଶତାବ୍ଦୀରେ ଜୟଦେବଙ୍କ ରଚିତ ଏହି ମହାନ ପବିତ୍ର ଗୀତଗୋବିନ୍ଦ ଭାରତୀୟ ସଂସ୍କୃତି ଓ ସଙ୍ଗୀତ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଛି। ଇସ୍ପାତ ସହର କଳା ଓ ସଂସ୍କୃତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭଞ୍ଜ କଳାକେନ୍ଦ୍ର ପକ୍ଷରୁ ଏଭଳି ଉତ୍ସବର ଆୟୋଜନ ପ୍ରଶଂସନୀୟ ବୋଲି ସାମନ୍ତରାୟ କହିଥିଲେ। ଅତିଥି ଶିଭାରେ କହିଥିଲେ, ରୁଦ୍ଧିମନ୍ତ ଓ ଅମୂଲ୍ୟ ସାହିତ୍ୟ ସମ୍ଭାରକୁ ପାଥେୟ କରି ଜୟଦେବ କୋଟି ମଣିଷଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ଭଞ୍ଜ କଳାକେନ୍ଦ୍ର ସାଂସ୍କୃତିକ ପ୍ରାଣକେନ୍ଦ୍ର ପାଲଟିଥିବାବେଳେ ଜୟଦେବ ଜୟନ୍ତୀ ପାଳନ ଏହାର ପ୍ରକୃଷ୍ଟ ଉଦାହରଣ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ପରିବେଷିତ ଗୀତଗୋବିନ୍ଦ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଭଞ୍ଜ କଳାକେନ୍ଦ୍ର ପକ୍ଷରୁ ଆୟୋଜିତ ଜୟଦେବ ଜୟନ୍ତୀ ପାଳନ ଅବସରରେ ନୃତ୍ୟ ପରିବେଷଣ କରୁଛନ୍ତି ଅନୁଷ୍ଠାନର କଳାକାରମାନେ।



ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ନିକଟରେ ଶୋଷରେ ଆଉଟୁପାଉଟୁ ଜଣେ ମହିଳାଙ୍କୁ ପାଣି ପିଆଉଛନ୍ତି ତାଙ୍କ ସ୍ୱାମୀ।

# ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ

ରାଉରକେଲା ଅଫିସ,୧୩।୫

ଅଗ୍ରଣୀ ନୃତ୍ୟାନୁଷ୍ଠାନ ଲକ୍ଷ୍ୟ ଓଡ଼ିଶୀ ଏକାଡେମୀ ଆନୁକୂଲ୍ୟରେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ୧୦ ଦିନିଆ ଓଡ଼ିଶୀ ନୃତ୍ୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ଭଙ୍ଗୀରେ କିପରି ନୃତ୍ୟ ଶିକ୍ଷା କରାଯାଇ ପାରିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନୃତ୍ୟାଙ୍ଗନା ଗୁରୁ ସୁଜାତା ମହାପାତ୍ର ଓ ଅନୁଷ୍ଠାନ ନିର୍ଦ୍ଦେଶିକା ମୁନମୁନ ପୃଷ୍ଟି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୧୬ଜଣ ପ୍ରଶିକ୍ଷାର୍ଥୀ ଏଥିରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ସନ୍ତୋଷ ସ୍ୱାଇଁ ଯୋଗଦେଇ ଏଭଳି କର୍ମଶାଳା ଆୟୋଜନ ଦ୍ୱାରା ବହୁ ନୂତନ ପ୍ରତିଭା ଲୋକ ଲୋଚନକୁ ଆସିପାରିବେ ବୋଲି ମତ ପ୍ରକାଶ କରିଥିଲେ। ଓଡ଼ିଶାର ନୃତ୍ୟକଳା ବିଶ୍ୱବନ୍ଦିତ ହୋଇଥିବା ବେଳେ ଏହାକୁ ଆହୁରି ଅଧିକ ରୁଦ୍ଧିମନ୍ତ କରିବାକୁ ପ୍ରୟାସ ଜାରି ରହିବା ଉଚିତ ବୋଲି ସ୍ୱାଇଁ କହିଥିଲେ। ଝୁନି ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସୁଲତାନ ଖାନ ସହଯୋଗ କରିଥିଲେ।

# ଖରାରେ କାମ କରୁଛନ୍ତି ଶ୍ରମିକ

ବିଶ୍ରା,୧୩।୫(ଡି.ଏନ.ଏ.)

ବିଶ୍ରା ଥାନା ଅଧୀନ ଡରେଇକେଲା ଚୌକଠାରୁ ସାରୁବାହାଲ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତା କାମ ସହ କଲଭର୍ଟ, ଗାଡୱାଲ କାମ ପୂର୍ତ୍ତ ବିଭାଗ ପକ୍ଷରୁ ୧ କୋଟି ବ୍ୟୟ ଅଟକଳରେ କାମ କରାଯାଉଛି। ଏଥିରେ ନିକଟସ୍ଥ ଗ୍ରାମଗୁଡିକର ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଛି। ହେଲେ ଠିକାଦାର ଜଣକ ପ୍ରଚଣ୍ଡ ଖରାରେ ମଧ୍ୟାହ୍ନ ୧୨ଟାରେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଖରାଦିନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାମ ନ କରାଇବାକୁ ସରକାରଙ୍କ କଡା ନିର୍ଦ୍ଦେଶ ରହିଛି। ହେଲେ ନିୟମକୁ ଉଲ୍ଲଂଘନ କରି ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବାକୁ ବାଧ୍ୟ କରାଯାଉଛି। ଫଳରେ ଶ୍ରମିକମାନଙ୍କୁ ଅଂଶୁଘାତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ରାସ୍ତାକଡ଼କୁ ଓଲଟିଲା ବୋଲେରୋ

**ରେଢ଼ାଖୋଲ ୧୩।୫(ଡି.ଏନ.ଏ.):** ରେଢାଖୋଲ ଥାନା ଅଧୀନ ବର୍ଷକିଆ ଆଇଟିଆଇ ସ୍କୁଲ ନିକଟରେ ସୋମବାର ଅପରାହ୍ନ ସାଢେ ୩ଟା ବେଳେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୨ ଜଣ ଆହତ ହୋଇଛନ୍ତି। ଏମାନେ ହେଲେ ତାଳଚେରର ବିନୋଦ ନାଏକ (୨୭) ଓ ଝିଲି ନାଏକ (୩୮)। ଏ ଦୁହିଁଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠା ଯାଇଥିଲା। ସେଠାରେ ଚିକିତ୍ସା ପରେ ଏମାନେ ଘରକୁ ଫେରି ଯାଇଛନ୍ତି। ସୂଚନାଯୋଗ୍ୟ, ବୋଲୋରୋ (ନଂ.ଓଆର ୧୫-୫୨୩୩)ରେ ତାଳଚେରର ୮ଜଣ ବ୍ୟକ୍ତି ସମ୍ବଲପୁରରୁ ଫେରୁଥିଲେ। ହେଲେ ବର୍ଷକିଆ ନିକଟରେ ଭାରସାମ୍ୟ ହରାଇ ଗାଡିଟି ରାସ୍ତାକଡକୁ ଓଲଟି ପଡିଥିଲା।

### ୨୬ରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର, ୧୩।୫ (ବ୍ୟୁରୋ):** ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଚଳିତ ମାସ ୨୬ ତାରିଖରେ ଅନୁଷ୍ଠିତ ହେବ । ସୋମବାର ରାତିରେ ଡା. ଝସକେତନ ସାହୁ ସୁଇମିଂ ପୁଲଠାରେ ହୋଇଥିବା କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସଭାପତି ଅକ୍ଷୟ ପ୍ରଧାନ, ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ, ବିଶ୍ୱମ୍ଭର ବହିଦାର, ଅତନୁ ଘୋଷ, ମନୋରଞ୍ଜନ ପାଢ଼ୀ, ହରେନ ସ୍ୱାଇଁ, ବିଦ୍ରିନାରାୟଣ ପୁରୋହିତ, ଡା. ଦିଲୀପ କୁମାର ନନ୍ଦ ଆଲୋଚନାରେ ଭାଗ ନେଇଥିଲେ।

### ୨୬ ନୁହେଁ, ଜୁନ ୨ରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର, ୧୩।୫ (ବ୍ୟୁରୋ):** ବାତ୍ୟା 'ଫନୀ'ଯୋଗୁ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାର ତାରିଖ ପରିବର୍ତ୍ତନ କରାଯାଇଛି । ତେଣୁ ମେ ୨୬ ଓ ୨୭ ପରିବର୍ତ୍ତେ ଜୁନ ୨ ଏବଂ ୩ ତାରିଖ ଏହି ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଏହି ରାଜ୍ୟସନ୍ତରଣ ସଂଘ ପକ୍ଷରୁ ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂ ପୁଲରେ ପ୍ରତିଯୋଗିତା ସକାଶେ ପ୍ରସ୍ତୁତି କରାଯାଇଥିଲା । କିନ୍ତୁ ପୂର୍ବ ନିର୍ଦ୍ଧାରିତ ତାରିଖରେ ପ୍ରତିଯୋଗିତା ହେଲେ ପୂର୍ବ ଓଡିଶାରୁ ପ୍ରତିଯୋଗୀମାନେ ଭାଗ ନେବା ଅନିଶ୍ଚିତତା ଭିତରେ ରହିଥିଲା । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସଂଘ ତାରିଖ ପରିବର୍ତ୍ତନ କରିଥିବା ସାଧାରଣ ସମ୍ପାଦକ ଦିଲାବର୍ ହୁସେନ ସୋମବାର ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

### ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା

**କୋଲାବିରା,୧୩।୫(ଡି.ଏନ୍.ଏ.):** ସାମୁଦ୍ରିକ ଝଡ଼ ଫନୀ ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇଛି କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ। ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ସଂସଦ ସଦସ୍ୟଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକ ବ୍ୟାଙ୍କ ଜରିଆରେ ଏହି ଅର୍ଥରାଶି ଜମା ଦେଇଛନ୍ତି। ପ୍ରଳୟଙ୍କାରୀ ବାତ୍ୟା ଦ୍ୱାରା ବ୍ୟାପକ କ୍ଷୟକ୍ଷତି ହୋଇଛି। ତେଣୁ ଏହି ବିପଦ ସମୟରେ ସମସ୍ତେ ଆଗେଇ ଆସି ପ୍ରଭାବିତ ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ନାଏକ ଆହ୍ୱାନ ଦେଇଛନ୍ତି।

■ ବେଦୀ ନିକଟରେ ପଡ଼ିଗଲେ ନିଶାସକ୍ତ ବର

# ବାହା ହେବାକୁ ମନାକଲେ କନ୍ୟା

**ସମ୍ବଲପୁର,୧୩।୫(ବ୍ୟୁରୋ)**

- ଆଦର୍ଶ ପାଲଟିଲେ ମମତା
- ଫେରିଗଲେ ଶିଶୁପାଳ ବର
- ବେଦୀ ପାଖରେ ବସିଲା ସଭା
- କେହି ମନାଇ ପାରିଲେନି
- ନିଷ୍ପତ୍ତିରେ ଅଟଳ ରହିଲେ

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନ ଗୋବର୍ଦ୍ଧନ ବଡମାଳ ଗାଁରେ ସୋମବାର ବିବାହ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଘଟିଛି। ନିଶାସକ୍ତ ଅବସ୍ଥାରେ ବରକୁ ଦେଖି କନ୍ୟା ବିବାହ କରିବେନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ତଥାପି ବେଦି ନିକଟରେ ଉଭୟପକ୍ଷର ମୁରବୀଙ୍କୁ ନେଇ ସଭା ବସିଥିଲା। ଏଥିରେ କନ୍ୟାର ଗାଁ ଲୋକେ ବି ହସ୍ତକ୍ଷେପ କରିଥିଲେ। କନ୍ୟାଙ୍କୁ ମନାଇବାକୁ ସମସ୍ତେ ଶତ ଚେଷ୍ଟା କରିଥିଲେ। ହେଲେ ନିଜ ନିଷ୍ପତ୍ତିରେ କନ୍ୟା ଏମିତି ଅଟଳ ଥିଲେ ଯେ, କାହାରି କଥା ଶୁଣି ନ ଥିଲେ। ଶେଷରେ ବରଯାତ୍ରୀ ନେଇ ଆସିଥିବା ବର ଶିଶୁପାଳ ହୋଇ ଫେରିଯିବାକୁ ବାଧ ହୋଇଥିଲେ।

ସୋମବାର କିସିଣ୍ଡା ଥାନା ଗିରିଶ୍ଚନ୍ଦ୍ରପୁର କୋଲବେଡା ଗ୍ରାମର ସୁରେନ୍ଦ୍ର ଭୋଇଙ୍କ ଗୋବର୍ଦ୍ଧନ ବଡମାଳ ଗାଁର ମମତା ଭୋଏଙ୍କ ସହ ବିବାହ ସ୍ଥିର ହୋଇଥିଲା। ବରଯାତ୍ରୀଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥାନ୍ତି କନ୍ୟାପକ୍ଷ। ସବୁ ପ୍ରସ୍ତୁତ ସରିଥାଏ। ଧାର୍ଯ୍ୟ ସମୟ ଅନୁସାରେ ଗାଁ ମୁଣ୍ଡରେ ପହଞ୍ଚିଥିଲେ ବରଯାତ୍ରୀ। ଫୋଟକା ଫୁଟିଲା। ଡିଜେ ଓ ବାଜାର ତାଳେ ତାଳେ ବରଯାତ୍ରୀ ନେଇ କନ୍ୟା ଘର ଆଗରେ ପହଞ୍ଚିଲା ବରର କାର। ବରଯାତ୍ରୀଙ୍କୁ ସ୍ୱାଗତ ପାଇଁ ସମସ୍ତ ବ୍ୟସ୍ତ। ଏଣେ ବରକୁ ବରଣ କରି କନ୍ୟାପକ୍ଷ ଘରକୁ ନେଲେ । ହେଲେ ବେଦୀକୁ ଉଠିବା ପୂର୍ବରୁ ସବୁ ବିଗିଡିଗଲା। ତଳେ ପଡିଗଲେ ବର। ତାଙ୍କ ପାଟିରୁ ନିଶା ସେବନ ଗନ୍ଧ ବାହାରୁଥାଏ। ନିଶାସକ୍ତ ଅବସ୍ଥାରେ ବର ଥିବା ଜାଣିପାରି ତତ୍କ୍ଷଣାତ କନ୍ୟା ଚରମ ନିଷ୍ପତ୍ତି ନେଲେ। ଏଭଳି ବ୍ୟକ୍ତିଙ୍କୁ ବିବାହ କରି ସାରା ଜୀବନ ଅନୁଶୋଚନା କରିବା ଅପେକ୍ଷା ବରଂ ବିବାହ ନ କରିବା ଶ୍ରେୟସ୍କର ବୋଲି କହି ବିବାହ କରିବାକୁ ମନା କରିଦେଲେ କନ୍ୟା । ଏହା ଶୁଣି ବର ଓ କନ୍ୟା ପକ୍ଷ ମୁରବୀଙ୍କ ମୁଣ୍ଡ କାମ କଲାନି। ତୁରନ୍ତ ଦୁଇପକ୍ଷ ବିବାହ ବେଦି ନିକଟରେ ସଭା ବସାଇଲେ। ଯେମିତି ବି ହେଉ କନ୍ୟାର ମନରେ ପରିବର୍ତ୍ତନ ଆଣି ବିବାହ କରିବାକୁ ଆଲୋଚନା ଚାଲିଲା। ହେଲେ କନ୍ୟାର ନିଷ୍ପତ୍ତି ବଦଳିଲାନି। ଏଣୁ ଦୁଇ ପକ୍ଷ ନିରାଶ ହେଲେ। ସମସ୍ତଙ୍କ ମୁହଁ ଶୁଖିଗଲା। ଭୋଜିଭାତ ଖାଇବାର ଆଗ୍ରହ ମଉଳିଲା। ବର ଶିଶୁପାଳ ହୋଇ ଫେରିଯିବାକୁ ବାଧ ହେଲେ। ତେବେ ମମତାଙ୍କ ଏହି ନିଷ୍ପତ୍ତିକୁ ତାଙ୍କ ଗାଁ ଲୋକେ ପ୍ରଶଂସା କରିଛନ୍ତି। ଏହି ଘଟଣାକୁ ସୋସିଆଲ ମିଡିଆ 'ଫେସବୁକ'ରେ ପୋଷ୍ଟ କରାଯାଇଥିବାରୁ ଲାଇକ, କମେଣ୍ଟ ଓ ସେୟାର ହେଉଛି।



ପୁରୀ ଲୋକନାଥ ରୋଡରେ ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରିଲିଫ ଦିଆଯାଉଛି।

# ଫନୀ ପ୍ରଭାବିତଙ୍କୁ ସହାୟତା

**ରେଙ୍ଗାଲି, ୧୩।୫ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରାସ୍ଥିତ ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନ ବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସହାୟତାର ହାତ ବଢ଼ାଇଛି। ସଂଗଠନ ସଭାପତି ହେମନ୍ତ କୁମାର ପାଣ୍ଡେଙ୍କ ନେତୃତ୍ୱରେ ସଂଗଠନର କାର୍ଯ୍ୟକାରୀ ସଭାପତି ପୀତାମ୍ବର ବିଶ୍ୱାଳ, ଉପସଭାପତି ଉମାକାନ୍ତ ନାଥ, ରାକେଶ ତିୱାରୀ, ଚିନ୍ମୟ ସାହୁ, ଅଜୟ ନାଥ, ଚନ୍ଦ୍ରମଣି ଓରାମ, ମହେନ୍ଦ୍ର ଭୁଏ ପ୍ରମୁଖ ପୁରୀ ଲୋକନାଥ ରୋଡରେ ପହଞ୍ଚି ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଅନ୍ୟପକ୍ଷେ ସମ୍ବଲପୁର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଠିକୁ ୫୦ ହଜାର ଟଙ୍କାର ଏକ ଚେକ୍ ମଧ୍ୟ ପ୍ରଦାନ କରାଯାଇଛି।



କୁଚିଣ୍ଡା ଅଂଚଳରେ ବେଆଇନ୍ ଭାବେ ଇଟାଗଢ଼ା ଚାଲିଛେ।

ଚେତି ଶୁଇଛନ୍ ରାଜସ୍ୱ ଆର ବନବିଭାଗ

# ବେଆଇନ ଇଟାଭାଟିରେ ଦହକୁଛେ କୁଚିଣ୍ଡା ଅଂଚଲ

**କୁଚିଣ୍ଡା, ୧୩।୫ (ଡି.ଏନ.ଏ.)**

କୁଚିଣ୍ଡା ତହସିଲ ଅଧୀନ ଭିନେ ଭିନେ ଗାଁରେ ଦିନୁଦିନ୍‌କେ ବେଆଇନ୍ ଇଟାଭାଟିର ସଂଖ୍ୟା ବଢ଼ତେଲ ଯାଉଛେ। ହେଲେ ଇ ଦିଗେ ରାଜସ୍ୱ ଆର ବନବିଭାଗ ଚେତି ଶୁଇଥିବାର ଅଭିନଏ କରୁଛନ୍। ବଡ଼ଭାରି ହିସାବେ କୁଚିଣ୍ଡା ତହସିଲ ଅଧୀନ ଜଂଗଲ ତରେ ଥିବାର ଗାଁମାନକେ ଇ ବେଆଇନ୍ ଇଟାଭାଟି ଦେଖିବାକେ ମିଲୁଛେ। ଇଟାଭାଟି କରବାର ଲାଗି ପ୍ରଦୂଷଣ ବୋର୍ଡରୁ ଅନୁମତି ପତର ଆନବାର ନିୟମ ରହିଛେ। ହେଲେ ଜଂଗଲ ତରେ ଥିବାର ଗାଁଗାଁମାନକେ ଇଟାଭାଟି ମାଲିକମାନେ ଇ ନିୟମକେ ନାଇଁମାନବାର। ଆରକେତେ ଇଟାଭାଟି ମାଲିକ ନାଁକେ ୧୦ରୁ ୨୦ ହଜାର ଇଟା ଗଢ଼ବାର ଲାଗି ତହସିଲରେ ରୟାଲଟି ଜମାକରୁଛନ୍ ଆର ଲାଖ୍ ଲାଖ୍ ଇଟା ପୁଡ଼ଉଛନ୍। ଯେନ୍‌ଥିରଲାଗି ପରିବେଶ ଦୂଷିତ ହେବାର ସଂଗେ ଦାମ୍‌କିଆ ଗଛଖୁଁଟ ଖରାପ ହେଉଛେ। ଅଂଚଲଟା ବି ଇଟାଭାଟିର ଗରମ୍‌ରେ ଦହକି ଉଠୁଛେ। ଇଟାପୁଡ଼ାବାର ଲାଗି ଲୋକ ଜଂଗଲରୁ ଗଛ କାଟୁଛନ୍, ଯେନ୍‌ଟା ଅଂଚଲର ଜଂଗଲ ମେଟ୍‌ବାର ବି ଗୁଟେ ବଡ଼ କାରନ୍ ଆଏ। ଇଟାଭାଟି ମାଲିକମାନେ ଇଟା ବିକି ଲାଖ୍ ଲାଖ୍ ଟଁକା କମଉଥିଲାବେଲେ ରାଜସ୍ୱ ବିଭାଗ ଲକ୍ଷାଧିକ୍ ଟଁକା ରାଜସ୍ୱ ହରଉଛେ। ସବୁ ଜାନିଶୁନି ରାଜସ୍ୱ ଆର ବନବିଭାଗ ନାଇଁଯାନଲା ଲେଖେଁ ଅଭିନଏ କରୁଥିବାର ଅଂଚଲବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ତହସିଲଦାର ନିଶିପୁନମ ମିଞ୍ଜଙ୍କୁଁ ପଚରାଲାରୁ ମୁଇଁ ନିରବାଚନ କାମ୍‌ରେ ବାଇଥିଲି, ଇ ଦିଗେ ଧିଆନ୍ ନାଇଁ ଦେଇପାରି। ଇ ବାବ୍‌ଦେ ହେନ୍‌ତା କିଛି ଅଭିଯୋଗ ବି ନାଇଁପାଇ। ଅଭିଯୋଗ ହେଲେ ନିହାତି ଭାବେ କଡ଼ା ପଦକ୍ଷେପ ନିଆଯିବା ବଲି ସେ କହିଛନ୍।

## ୧୬ରେ ବିଶ୍ୱଶାନ୍ତି ମହାଯଜ୍ଞ

**ରିଆମାଳ,୧୩।୫(ଡି.ଏନ.ଏ.)**

ରିଆମାଳ ବ୍ଲକ ଅଧୀନ ମଲେହୀପଡ଼ା ଗ୍ରାମରେ ଆସନ୍ତା ୧୬ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ୧୫ ତାରିଖରେ ମହିଳାମାନେ ଏକ କଳସ ଶୋଭାଯାତ୍ରାରେ ବାହାରି ଧରମପୁର ଗ୍ରାମସ୍ଥିତ ରାଣୀ ପୁଷ୍କରିଣୀରୁ ୧୦୮ କଳସରେ ପାଣି ଆଣିବାର କାର୍ଯ୍ୟକ୍ରମ ରହିଛି। କଳସଯାତ୍ରାରେ ଦୁଲଦୁଲି ବାଜା ଓ ସଂକୀର୍ତ୍ତନମଣ୍ଡଳୀ ଯୋଗଦେବା ନେଇ ସ୍ଥିରିକୃତ ହୋଇଛି। ୩ ଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟ ଅଟକଳରେ ମହାଯଜ୍ଞ ହେବ ବୋଲି ଯଜ୍ଞ କମିଟି ସଭାପତି ବୈକୁଣ୍ଠ ପ୍ରଧାନ ପ୍ରକାଶ କରିଛନ୍ତି। ୧୫ଦିନ ହେଲା ଯଜ୍ଞ ମଣ୍ଡପ, ଆନନ୍ଦ ବଜାର, ସାଧୁସନ୍ଥ ମଣ୍ଡପ ନିର୍ମାଣ କାମ ଚାଲିଥିବା ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି। ଯଜ୍ଞରେ ୫୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବା ନେଇ ସ୍ଥିର ହୋଇଥିବା ବେଳେ ଯଜ୍ଞରେ ୧୫ଜଣ ସାଧୁସନ୍ଥ ଏବଂ ୭ଜଣ ବ୍ରାହ୍ମଣ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଜଣାପଡିଛି। ଜନସାଧାରଣ ଯଜ୍ଞରେ ସାମିଲ ହେବାକୁ ଉପଦେଷ୍ଟା କମିଟି ସଭାପତି ପ୍ରମୋଦ କୁମାର ପ୍ରଧାନ ଅନୁରୋଧ କରିଛନ୍ତି।

# ଜିଲା ସ୍ୱାସ୍ଥ୍ୟ ବିଭାଗ ବୈଠକ

**ଦେବଗଡ଼,୧୩।୫(ସ୍ୱ.ପ୍ର)**

ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ମାସିକ ସମନ୍ୱୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜଗଦୀଶ ଚନ୍ଦ୍ର ବାରିକ, ଏଡିଏମ୍‌ଓ ଡା. ଗଙ୍ଗାଧର ପ୍ରଧାନ, ଡା. ମନୋଜ କୁମାର ଉପାଧ୍ୟାୟ, ଡା.ସୁବାସ ଚନ୍ଦ୍ର ମଣ୍ଡଳ, ଡା. ବ୍ରଜବନ୍ଧୁ ଭୋଇ, ଡା. ପି. ଓଝା, ଡା. ମହେଶ ମୋହନ ପଣ୍ଡା, ଡା. ଶାନ୍ତିଲତା ଦାସ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଇନ୍‌ଚାର୍ଜ ଶାନ୍ତିଲତା କେର୍କେଟା ପ୍ରମୁଖ ଉପସ୍ଥିତ ରହି ଜିଲାର ଶତ ପ୍ରତିଶତ ଗର୍ଭବତୀଙ୍କୁ ଡାକ୍ତରଖାନାରେ ପ୍ରସବ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କି ଦୈନିକ ତାଲିକା ପ୍ରସ୍ତୁତ ଏବଂ ତଦାରଖ ସହ ୧ମାସ ମଧ୍ୟରେ ଗୃହ ପରିଦର୍ଶନ କରି ଜିଲାରୁ ପୁଷ୍ଟିହୀନତା ହାର ହ୍ରାସ କରିବା, ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସକୁ ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ସୁପରଭାଇଜରମାନେ ପରିଦର୍ଶନ କରି ଗର୍ଭବତୀ, ପ୍ରସୂତି ମହିଳା ଏବଂ ୦ରୁ ୫ ବର୍ଷର ଶିଶୁମାନଙ୍କ ତଦାରଖ କରିବା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ସେହିପରି ଜିଲାର ସମସ୍ତ ୦ରୁ ୧୬ ବର୍ଷର ପିଲାଙ୍କ ଶତପ୍ରତିଶତ ଟିକାକରଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



କୁଞ୍ଜବନ ଆଶ୍ରମରେ ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ଅବସରରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

# କୁଞ୍ଜବନରେ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ

**ନାକଟିଦେଉଳ,୧୩।୫(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର କତରାପାଲି ଗ୍ରାମସ୍ଥିତ କୁଞ୍ଜବନ ଆଶ୍ରମରେ ୬ଦିନ ଧରି ୨୪ ପ୍ରହରୀ ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗତ ୭ ତାରିଖରେ ଯଜ୍ଞରେ ଅଙ୍କୁରାରୋପଣ ହେବା ପରେ ୮ତାରିଖ ସକାଳୁ ମହିଳାମାନେ ସ୍ଥାନୀୟ ଚମ୍ପାଳି ଏବଂ ଟିକିରା ନଦୀର ସଙ୍ଗମ ସ୍ଥଳରୁ ପାଣି ଉଠାଇ ଥିଲେ। କଳଶ ଶୋଭାଯାତ୍ରାରେ ଏମାନେ ସରାପାଲି ଓ କତରାପାଲି ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ । ୯ତାରିଖରୁ ନାମଯଜ୍ଞ ଆରମ୍ଭ ହୋଇଥିଲା । ଏହି ଯଜ୍ଞରେ ସରାପାଲି ଗ୍ରାମର ବାଳମକୁନ୍ଦ ପ୍ରଧାନ, ଚନ୍ଦ୍ରମଣି ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ ଏବଂ ଈଶ୍ୱର ଚନ୍ଦ୍ର ବିଶ୍ୱାଳ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗଦାଧରପୁର ଗ୍ରାମର ପୂଜକ ପୀତାମ୍ବର ଶତପଥୀ ପୁରୋହିତ କାର୍ଯ୍ୟ ସଂପାଦନ କରିଥିଲେ । ପ୍ରତିଦିନ ଅଖଣ୍ଡ ନାମସଙ୍କୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ ପ୍ରତି ସଂଧ୍ୟାରେ ସାଧୁସନ୍ଥମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସରାପାଲି ଏବଂ ବଳମ ପଞ୍ଚାୟତର ୨୧ ଖଣ୍ଡ ଗ୍ରାମର ଲୋକେ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ।

ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ଘଟଣା

# ୨ ଦିନ ହେଲା ମୃତଦେହ ବ୍ୟବଚ୍ଛେଦ ହୋଇପାରୁନି

**ସମ୍ବଲପୁର,୧୩।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମରେ ଏକ ଭଡା ଘରେ ରହୁଥିବା ଜଣେ ଯୁବତୀଙ୍କ ରବିବାର ସକାଳେ ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଯୁବତୀଙ୍କ ପରିଚୟ ମିଳି ନ ଥିବା ବେଳେ କେତେକ ରେବତି ମାଝି ବୋଲି କହୁଛନ୍ତି। ପୋଲିସ କିନ୍ତୁ କହୁଛି ଯେ, ତାଙ୍କ ନାମ ସୁନିତା (୧୯)। ତେବେ ଏହି ଯୁବତୀଙ୍କ ସ୍ୱାମୀ ଭାବେ ରହୁଥିବା ଦେବଗଡ ଜିଲା ଛେଲିଆ ମେଣ୍ଡିଆ ଗ୍ରାମର କୁନା ପ୍ରଧାନଙ୍କ ରବିବାରଠାରୁ ଦେଖା ନାହିଁ। ମେଡିକାଲରେ ମୃତଦେହ ଛାଡି ସେ ୨ ଦିନ ହେଲା କୁଆଡେ ଫେରାର ହୋଇଯାଇଛନ୍ତି। ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଫେରି ନ ଥିଲେ । ତେଣୁ ଯୁବତୀଙ୍କ ଠିକ୍ ପରିଚୟ ମିଳି ପାରି ନ ଥିବା ବେଳେ ମୃତଦେହ ମଧ୍ୟ ବ୍ୟବଚ୍ଛେଦ ହୋଇ ପାରିନାହିଁ । ଘଟଣାକୁ ୨ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପର୍ଦ୍ଦାଫାସ କରି ପାରିନାହିଁ। ଅବଶ୍ୟ ଏସ୍‌ପି ସଞ୍ଜୀବ ଆରୋରା ତଦନ୍ତ ନିର୍ଦ୍ଦେଶ ଦେବା ପରେ ଯୁଯୁମୁରା ଥାନା ପୋଲିସ ଘଟଣାର ତଦନ୍ତ କରୁଛି । ଘର ମାଲିକଙ୍କୁ ପଚରା ଉଚୁରା କରିଛି।

# ପ୍ରଥମେ ନିର୍ବାଚନ, ଏବେ ଫନୀ ଆଳ

**ସମ୍ବଲପୁର, ୧୩।୫ (ବ୍ୟୁରୋ)**

ସରକାରୀ ଯୋଜନାରେ ପକ୍କା ଘର ଖଣ୍ଡିଏ ନିର୍ମାଣ ହେବ। ଆରମରେ ପରିବାର ସହ ଦିନ କଟିବ । ଖରା, ବର୍ଷା ଶୀତରୁ ରକ୍ଷା ମିଳିବ । ଏମିତି ଅନେକ ଆଶା ରହିଥିଲା। ମହାନଗର ନିଗମ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପରେ କାର୍ଯ୍ୟାଦେଶ ପାଇଲେ। ପକ୍କାଘର ସ୍ୱପ୍ନ ପୂରା ହୋଇଗଲା ବୋଲି ବେଶ୍ ଉତ୍ସାହିତ ହୋଇଯାଇଥିଲେ। ହେଲେ ଏବେ ଏହା ଅଭିଶାପ ହେଲା ଭଳି ମନେ ହେଉଛି । ପୂର୍ବରୁ ଥିବା କୁଡିଆ ଘର ଭଲ ଥିଲା । ବର୍ଷାରୁ ରକ୍ଷା କରୁଥିଲା। କାର୍ଯ୍ୟାଦେଶ ପାଇବା ପରେ ସେହି କୁଡିଆ ଘର ଭାଙ୍ଗି ପକ୍କାଘର ନିର୍ମାଣ ଆରମ୍ଭ କରିଥିଲେ। ଏବେ ଆଉ କୁଡିଆ ଘର ନାହିଁ କି ପକ୍କାଘର ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ବାସହୀନ ହୋଇଯାଇଛନ୍ତି। ଡହ ଡହ ଖରାରେ ପିଲାଛୁଆ ସିଝୁଛନ୍ତି। କାହା ଘରେ ଆଶ୍ରୟ ନେଉଛନ୍ତି ତ ପୁଣି ଗଛମୂଳେ ମଧ୍ୟ ଦିନ କଟୁଛି । ଆଗକୁ ଝଡତୋଫାନ, ବର୍ଷାକୁ ଭୟ ରହୁଛି । ପ୍ରାୟ ୩ ମାସ ହେଲା ଏଭଳି ଅବସ୍ଥାରେ ରହିଛନ୍ତି ମହାନଗର ନିଗମ ଅଧୀନ ୪୦ ନଂ. ୱାର୍ଡ ଚାନ୍ଦମୁଣ୍ଡା ଗ୍ରାମର ହିତାଧିକାରୀ। ମହାନଗର ନିଗମ ପକ୍ଷରୁ ପ୍ରଥମେ ନିର୍ବାଚନକୁ ଆଳ କରାଯାଇଥିଲା । ଏବେ ଫନୀ ପ୍ରଭାବରେ ନେଟୱାର୍କ ସମସ୍ୟା ଯୋଗୁ ଟଙ୍କା ମିଳୁ ନ ଥିବା କୁହାଯାଉଛି । ସମ୍ବଲପୁର ମହାନଗର ନିଗମ ଅଧୀନରେ ପ୍ରାୟ ୨୨୦ ଜଣ ହିତାଧିକାରୀ ଏହି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମହାନଗର ନିଗମ ଡେପୁଟି କମିସନର ଶୁଭଙ୍କର ମହାନ୍ତି କହିଛନ୍ତି ଯେ, ବିଲ୍ ଦେବା ପାଇଁ ସମସ୍ତ ପ୍ରକ୍ରିୟା କରାଯାଉଛି। ହେଲେ ଟଙ୍କା ପାଇବାରେ ଡେରି ହେଲେ ଘର ନିର୍ମାଣରେ ମଧ୍ୟ ବିଳମ୍ବ ହେବ । ଏଣୁ ଧାର୍ଯ୍ୟ ସମୟ ଭିତରେ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ପରିବ ନାହିଁ । ଏହାଦ୍ୱାରା ହିତଧିକାରୀ ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେବେ । ତେଣୁ ଏଥିପାଇଁ ଦାୟୀ କିଏ ରହିବେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି।



ଚାନ୍ଦମୁଣ୍ଡା ଗାଁର ଜଣେ ହିତାଧିକାରୀ ଅସମ୍ପୂର୍ଣ୍ଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଆଗରେ।

**ହିତାଧିକାରୀଙ୍କ ଦୁଃଖ**

- ପକ୍କା ଘର ପାଇଁ ସ୍ୱପ୍ନ ଦେଖି କୁଡିଆ ଭାଙ୍ଗି ଦେଇଛନ୍ତି
- ଏବେ ଅନୁତାପ କରି ଟାଣ ଖରାରେ ଶିଝୁଛନ୍ତି
- ଆଗକୁ ଝଡ ବର୍ଷା ଭୟ, ଟଙ୍କା ନ ପାଇବାରୁ କାମ ବନ୍ଦ
- ଅସମ୍ପୂର୍ଣ୍ଣ ରହିଛି ଘର, ୨୨୦ ହିତାଧିକାରୀ ପ୍ରଭାବିତ

ସୂଚନା ଯୋଗ୍ୟ ଯେ, ଚାନ୍ଦମୁଣ୍ଡା ଗ୍ରାମରେ ୨୦୧୮–୧୯ ଆର୍ଥିକ ବର୍ଷରେ ପ୍ରାୟ ୨୪ ଜଣ ହିତଧିକାରୀ ପ୍ରଧାନମନ୍ତ୍ରୀ ଆବାଦ ଯୋଜନାରେ ଘର ତିଆରି କରିବାକୁ କାର୍ଯ୍ୟାଦେଶ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ଲୋକ ଛାତ ଲେଭେଲ ପର୍ଯ୍ୟନ୍ତ କାମ ସାରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ପାଇ ପାରିନାହାନ୍ତି । କାର୍ଯ୍ୟାଦେଶରେ ଉଲ୍ଲେଖ ରହିଥିବା ନିୟମ ଅନୁସାରେ ଟଙ୍କା ପାଇଥିଲେ ହିତାଧିକାରୀ ଦ୍ୱିତୀୟ ପର୍ଯ୍ୟାୟ ଓ ତୃତୀୟ ପର୍ଯ୍ୟାୟର ବିଲ୍ ଅର୍ଥାତ ୧ ଲକ୍ଷ ଟଙ୍କା ପାଇଥାନ୍ତେ । ହେଲେ ଟଙ୍କା ନା ପାଇବାରୁ ଘର କାମ ଆଗେଇ ପାରୁନାହିଁ । ଏହି ଯୋଜନାରେ ୪ଟି କିସ୍ତିରେ ମୋଟ ୨ ଲକ୍ଷ ଟଙ୍କା ପ୍ରାଦନ କରାଯାଉଛି। ଘର ତିଆରି ପାଇଁ ମାଟି ଖୋଳିବା ପରେ ୪୦ ହଜାର ଟଙ୍କା, ପ୍ଲିନ୍ଥ କାମ ସାରିବା ପରେ ୬୦ ହଜାର ଟଙ୍କା, ଛାତ ପର୍ଯ୍ୟନ୍ତ କାନ୍ଥ ଉଠି ସାରିବା ପରେ (ଛାତ ପଡିବା ପୂର୍ବରୁ) ୬୦ ହଜାର ଟଙ୍କା ଦେବାକୁ ନିୟମ ରହିଛି । ବାକି ୪୦ ହଜାର ଟଙ୍କା ପାଇଖାନା, ପ୍ଲାଷ୍ଟର, ପିଇବା ପାଣି, ବିଦ୍ୟୁତୀକରଣ କାମ ସମ୍ପୂର୍ଣ୍ଣ ହେବା ପରେ ମିଳିବା ନିୟମ ରହିଛି। ହେଲେ ଯୋଜନା ଯୋଜନା ବାଟରେ। ଏଣୁ ହିତାଧିକାରୀ ସ୍ୱପ୍ନ ଦେଖି ହଇରାଣ ହେଉଛନ୍ତି।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍, ୧୩।୫:** ବରଗଡ଼-ସୋହେଲା ରାସ୍ତାର ଦଶମାଇଲ ଛକରେ ସୋମବାର ପୂର୍ବାହ୍ନରେ ବାଇକ୍‌କୁ ଟ୍ରାକ୍ଟର ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଆରୋହୀ ହେଲେ ଜଟର୍ଲା ଗ୍ରାମର ବିକ୍ରମ ପ୍ରଧାନ। ଏହି ଦୁର୍ଘଟଣାରେ ତାଙ୍କ ଭାଇ ଶଙ୍କର୍ଷଣ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।
ପ୍ରକାଶ ଯେ, ଦୁଇ ଭାଇ ବିକ୍ରମ ଓ ଶଙ୍କର୍ଷଣ ଏକ ବାଇକ୍ ଯୋଗେ ଯାଉଥିଲେ । ଦଶମାଇଲ ଛକ ନିକଟରେ ଦ୍ରୁତବେଗରେ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ବିକ୍ରମଙ୍କୁ ମୃତ ଘୋଷଣା କରାଯାଇଥିଲା। ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି ।

### ବୈଶାଖ ମେଳା ଆରମ୍ଭ

**ପାଇକମାଳ, ୧୩।୫ (ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ସୋମବାର ବୈଶାଖ ମେଳା ଆରମ୍ଭ ହୋଇଛି । ଏହାସହ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୧୦୮ ଜଳପୂର୍ଣ୍ଣ କଳସ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି । ଯଜ୍ଞ ମଣ୍ଡପ ପୂଜନ ସମାରୋହରେ ୧୧ ଜଣ ପଣ୍ଡିତଙ୍କ ସହ ମୁଖ୍ୟପଣ୍ଡିତ ଡିଗ୍ରୀଧର ଦେବତା ଦାୟିତ୍ୱ ତୁଲାଉଛନ୍ତି । ଶଙ୍କର ଭୁଏ ଓ ତାଙ୍କ ସ୍ତ୍ରୀ ପ୍ରେମ ଭୁଏ ଯଜ୍ଞ କର୍ତ୍ତା ଅଛନ୍ତି। ବିଡିଓ ସଦାଶିବ ନାୟକ, ରମେଶ ଚନ୍ଦ୍ର ସେଠି, ପୁରନ୍ଦର ସାହୁ, ରୋହିତ ମିଶ୍ର, ବାସନ୍ତୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଦୁର୍ଘଟଣାରେ କାର୍ ଚୂରମାର୍

**ବରଗଡ଼ ଅଫିସ୍, ୧୩।୫:** ବରଗଡ଼ ସହରର ଗୁରୁଦ୍ୱାରା ଛକ ନିକଟରେ ସୋମବାର ଭୋର୍ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ଅନ୍ୟ ଏକ କାର୍‌ର ସମ୍ମୁଖ ଭାଗ ଚୂରମାର୍ ହୋଇ ଯାଇଛି । ତେବେ ସୌଭାଗ୍ୟକ୍ରମେ କାର୍ ଚାଳକ ରକ୍ଷା ପାଇ ଯାଇଛନ୍ତି ।

### ତାରକାସୁର ଚୟନ ପ୍ରତିଯୋଗିତା

**ବରପାଲି, ୧୩।୫ (ଡି.ଏନ.ଏ):** ଐତିହ୍ୟ ସମ୍ପନ୍ନ ବରପାଲି ଶୀତଳଷଷ୍ଠୀ ଯାତ୍ରାର ୧୪୨ତମ ବର୍ଷ ପାଇଁ ତାରକାସୁର ଚୟନ ପ୍ରତିଯୋଗିତା ରବିବାର ସମ୍ପନ୍ନ ହୋଇଛି। ଏଥିରେ ଅଭିନୟ କରିବା ପାଇଁ ୪ଜଣ କଳାକାର ବୀରବଜରଙ୍ଗ ମେହେର, ଗୋଲାପ ଦାଶ, ବୃନ୍ଦାବନ ପଧାନ ଓ ଦେବରାଜ ଛତ୍ରିଆ ପ୍ରମୁଖ ପ୍ରତିଦ୍ୱନ୍ଦୀ ଭାବେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏମାନଙ୍କ ମଧରୁ କିଏ ଶ୍ରେଷ୍ଠ ବିବେଚିତ ହେବେ ତାହା ଯାତ୍ରା କମିଟି ନିଷ୍ପତ୍ତି ନେଲା ପରେ ଘୋଷଣା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି ।

## ■ ଭୋଟ୍ ଦେଇ ସାମାଜିକ ବାସନ୍ଦ ହେବା ଘଟଣା

# ମାସେ ବିତିବ, ହୋଇନି ସମାଧାନ

**ବରଗଡ଼ ଅଫିସ୍, ୧୩।୫**



ସାମାଜିକ ବାସନ୍ଦ ହୋଇଥିବା ପରିବାର ସଦସ୍ୟ ଜିଲାପାଳଙ୍କୁ ଭେଟୁଛନ୍ତି ।

- ■ ନିଆଁ, ପାଣି ବନ୍ଦ ଯୋଗୁ ବହୁ ହଟହଟା
- ■ ଜିଲାପାଳଙ୍କୁ ଭେଟିଲେ ପରିବାର ଲୋକେ
- ■ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଲେ ଜିଲାପାଳ

ସାଧାରଣ ନିର୍ବାଚନରେ ଭୋଟ୍ କେନ୍ଦ୍ରକୁ ଯାଇ ନିଜ ମତାଧିକାର ସାବ୍ୟସ୍ତ କଲେ । ମାତ୍ର ମତଦାନ ସେମାନଙ୍କ ପାଇଁ ମହଙ୍ଗା ପଡ଼ିଲା। ମତଦାନ କରିଥିବା ବରଗଡ଼ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ରାସାଲି ଗ୍ରାମର ଅରକ୍ଷିତ ସାହୁ ଓ ଶିବ ବୁଦ୍ଧିଆଙ୍କ ପରିବାରକୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଛନ୍ତି । ଘଟଣାକୁ ନେଇ ସମ୍ପୃକ୍ତ ପରିବାର ଲୋକେ ଜିଲା ପ୍ରଶାସନ ଦୃଷ୍ଟିକୁ ମଧ୍ୟ ଆଣିଛନ୍ତି । ହେଲେ ବିଡ଼ମ୍ବନାର ବିଷୟ, ଏଭଳି ଏକ ଅଭାବନୀୟ ଘଟଣାକୁ ଆଉ ୫ଦିନ ପରେ ମାସେ ବିତିବ । କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅନ୍ୟପଟେ ମତଦାନ ପରେ ସାମାଜିକ ବାସନ୍ଦର ସମ୍ମୁଖୀନ ହୋଇଥିବା ଉଭୟ ପରିବାର ଲୋକେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣାର ସମାଧାନ ତଥା ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୋମବାର ଉଭୟ ପରିବାରର ବିକାଶ ଓ ସଞ୍ଜିବ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ସେମାନେ ଘଟଣା ଉପରେ କହିବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି । ସେ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ତ୍ରିପାଠୀ କହିଛନ୍ତି ।

ପ୍ରକାଶ ଯେ, ଗତ ଏପ୍ରିଲ ୧୮ତାରିଖରେ ବରଗଡ଼ ଜିଲାରେ ଭୋଟ୍ ଗ୍ରହଣ ଥିଲା । ରସାଲି ଗ୍ରାମର ଭୋଟରଙ୍କ ମତଦାନ ପାଇଁ ତରାକନାରେ ଭୋଟଗ୍ରହଣ କେନ୍ଦ୍ର ରହିଥିଲା । ମାତ୍ର ଏହି ଗ୍ରାମର ଲୋକେ ସେଠାକୁ ଭୋଟ୍ ଦେଇ ନ ଯିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଗ୍ରାମର ଅରକ୍ଷିତ ଓ ଶିବଙ୍କ ପରିବାର ଲୋକେ ତରାକନା ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଭୋଟ୍ ଦେଇଥିଲେ। ଏହା ସହିତ ଅନ୍ୟ ୨ପରିବାରର ଆଉ ୬ଜଣ ମଧ୍ୟ ସେଠାକୁ ଭୋଟ୍ ଦେବାକୁ ଯାଇଥିଲେ । ମାତ୍ର ସେମାନଙ୍କ ଉପରେ ଆକ୍ରୋଶ ମନୋଭାବ ରଖି କେବଳ ତାଙ୍କ ପରିବାର ଲୋକଙ୍କୁ ଗ୍ରାମରେ ନିଆଁ, ପାଣି ବନ୍ଦ କରି ସାମାଜିକ ବାସନ୍ଦ କରାଯାଇଥିବା ଅରକ୍ଷିତ ଓ ଶିବଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଜିଲା ପ୍ରଶାସନ ପାଖରେ ଏ ନେଇ ଅଭିଯୋଗ ହେବା ପରେ କିଛି ପ୍ରଶାସନିକ ଅଧିକାରୀ ଗ୍ରାମକୁ ପହଞ୍ଚି ସମାଧାନର ଉଦ୍ୟମ କରିଥିଲେ । ମାତ୍ର ଏଯାଏ ଏହି ଘଟଣାର ସମାଧାନ ହୋଇପାରି ନାହିଁ । ଏ ନେଇ ଜିଲାପାଳ ତ୍ରିପାଠୀ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ବିଡ଼ିଓ, ତହସିଲଦାର ଏବଂ ଥାନା ଆଇଆଇସିଙ୍କୁ ସେହି ଗାଁକୁ ପଠାଯାଇଥିଲା। ସେମାନେ ବୁଝାଶୁଝା କରିବା ପରେ ଘଟଣାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ସମାଧାନ ହୋଇନାହିଁ ବୋଲି ଜାଣି ନ ଥିଲି । ନିଶ୍ଚୟ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ମହାନଦୀରେ ବେଆଇନ ବ୍ଲାଷ୍ଟିଂ

# ଜୀବିକା ହରାଉଛନ୍ତି ଧୀବର

**ଅତାବିରା, ୧୩।୫ (ଡି.ଏନ.ଏ)**

ବରଗଡ ଓ ସମ୍ବଲପୁର ଜିଲା ସୀମାରେ ଥିବା ମହାନଦୀରୁ ଧୀବରମାନେ ମାଛ, ଚିଙ୍ଗୁଡି ମାରି ନିଜ ପରିବାର ଭରଣପୋଷଣ କରୁଛନ୍ତି । ମହାନଦୀରେ ପ୍ରତିଦିନ ବ୍ଲାଷ୍ଟିଂ କରି ମାଛ ମରାଯାଉଥିବାରୁ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡିଛି। କେତେକ ବ୍ୟକ୍ତି ବିଭିନ୍ନ କମ୍ପାନୀର କୀଟନାଶକ ମହାନଦୀରେ ପକାଇ ମାଛ, ଚିଙ୍ଗୁଡି ମାରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଯୋଗୁ ମାଛ, ଚିଙ୍ଗୁଡି ଲୋପ ପାଇବାକୁ ବସିଲାଣି। ମାଛ କିଲୋ ୮୦ ଟଙ୍କାରୁ ୧୦୦ ଟଙ୍କା ଥିବା ବେଳେ ଚିଙ୍ଗୁଡି କିଲୋ ୬ରୁ ୭ଶହ ଟଙ୍କା ବିକ୍ରି କରାଯାଉଛି। ବ୍ଲାଷ୍ଟିଂ କରି ମରାଯାଉଥିବା ମାଛକୁ ଲୋକେ ଖାଇ ରୋଗରେ ପଡୁଛନ୍ତି। ଏ ନେଇ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ବେଆଇନ ବ୍ଲାଷ୍ଟଙ୍ଗ ଉପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ବରଗଡ଼ ଅଫିସ୍, ୧୩।୫**

ବରଗଡ଼ ଜିଲା ଖାଉଟୀ ଅଦାଲତ ଧାନ ବିହନ କିଣି ଚାଷୀ ଠକେଇର ସମ୍ମୁଖୀନ ହୋଇଥିବା ନେଇ ୨ଟି ପୃଥକ୍ ମାମଲାର ବିଚାର କରି ଖାଉଟି ଅଦାଲତ କ୍ଷତିଗ୍ରସ୍ତ ପଦ୍ମପୁରର ଦୁଇଜଣ ଚାଷୀ ରମଣୀ ରଞ୍ଜନ ବାରିକ ଓ ଶଶୀକାନ୍ତ ପାଢ଼ୀଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି । ଜିଲା ଖାଉଟି ଫୋରମ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ସଭ୍ୟ ଅଜନ୍ତା ଶୁଭଦର୍ଶିନୀ ମାମଲାର ବିଚାର କରି ଉଭୟ ଚାଷୀଙ୍କୁ ୧ଲକ୍ଷ ୨୬ହଜାର ଟଙ୍କା ଓ ମକଦ୍ଦମା ପରିଚାଳନା ବାବଦ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ୍ ସୋସାଇଟିକୁ ନିର୍ଦ୍ଦେଶ ଦେଇଛନ୍ତି । ମାସକ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ ଅଧିକ ୬ପ୍ରତିଶତ ସୁଧ ହାରରେ କ୍ଷତିପୂରଣ ରାଶି ଆଦାୟ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ସୂଚନା ଅନୁସାରେ, ଉପରୋକ୍ତ ଦୁଇ ଚାଷୀ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ ସୋସାଇଟି ଜରିଆରେ ୧ଲକ୍ଷ ୨୬ହଜାର ଟଙ୍କା ଲେଖାଏଁ ମୂଲ୍ୟର ସ୍ୱର୍ଣ୍ଣା ଧାନ ବିହନ କ୍ରୟ କରିଥିଲେ । ବିହନ ବୁଣିବା ପରେ ସେଥିରୁ ଫସଲ ହେଲା ନାହିଁ । ଫଳରେ ଆର୍ଥିକ କ୍ଷତିପୂରଣ ନିମନ୍ତେ ଉଭୟ ଚାଷୀ ପଦ୍ମପୁର କୃଷି ଅଧିକାରୀ ଏବଂ ଉପଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ମାତ୍ର ଆର୍ଥିକ କ୍ଷତିପୂରଣ ପ୍ରଦାନ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସମ୍ପୃକ୍ତ ଚାଷୀମାନେ ବରଗଡ଼ ଜିଲାପାଳଙ୍କ ଅଫିସର ଅଭିଯୋଗ ପ୍ରକୋଷ୍ଠକୁ ମଧ୍ୟ ଫେରାଦ ହୋଇଥିଲେ । ତଥାପି ସୁଫଳ ମିଳି ନ ଥିଲା । ଉଭୟ ଚାଷୀ ବରଗଡ଼ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଖାଉଟି ଅଦାଲତରେ କେଶ ନଂ-୮/୨୦୧୭ ଏବଂ କେଶ ନଂ-୯/୨୦୧୭କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ଏଥିରେ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ ସୋସାଇଟି ସଭାପତି ଏବଂ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆଡ଼ଭୋକେଟ୍ ଦ୍ୟୁତିଶ କୁମାର ଆଚାର୍ଯ୍ୟ, ସୁଶୀଲ ମହାପାତ୍ର ଏହି ମାମଲା ପରିଚାଳନା କରିଥିଲେ । ଆଡ଼ଭୋକେଟ୍ ବିବେକାନନ୍ଦ ସାହୁ, ମନୋଜ କୁମାର ସାହୁ ଏବଂ ଦେବବ୍ରତ ଆଚାର୍ଯ୍ୟ ସହଯୋଗ କରିଥିଲେ ।

# ପ୍ରଦର୍ଶନୀ କ୍ରିକେଟ୍: ଶିକ୍ଷକ ଏକାଦଶ ବିଜୟୀ

**ପଦ୍ମପୁର, ୧୩।୫ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଦେଉଳୀ ଗ୍ରାମ ଖେଳ ପଡିଆଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶିକ୍ଷକ ଏକାଦଶ ବନାମ ଦେଉଳି ଏକାଦଶ ମଧରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଏକାଦଶ ଟସ ଜିତି ଖେଳ ଆରମ୍ଭ କରିଥିଲା। ମ୍ୟାଚରେ ୭ ରନରେ ଦେଉଳି ଏକାଦଶ ପରାସ୍ତ ହୋଇଥିଲା। ଦୀପକ ସାହୁ ଓ ମୋହନ ଭୋଇ ଅମ୍ପାୟାରିଂ କରିଥିବା ବେଳେ କୁନାଲ ସିଦ୍ଧାର, ରୂପକ ସାହୁ ସ୍କୋରର ଥିଲେ। ଶିକ୍ଷକ ଏକାଦଶର ଶିଶିର ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ରାମାଗାର ନ ଥିବାରୁ, ଯାତ୍ରୀ ହନ୍ତସନ୍ତ

**ଅତାବିରା, ୧୩।୫ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଓ ଗୋଡଭଗା କ୍ୟାମ୍ପ ଛକ ଏକ ବ୍ୟବସାୟ ପେଣ୍ଠସ୍ଥଳ। ଏଠାରେ ପ୍ରତିଦିନ ଜନଗହଳି ହୋଇଥାଏ । ଏହି ଦୁଇଟି ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନେ କେଉଁ ଦୋକାନ ବାରଣ୍ଡାରେ ଟାଣ ଖରାରେ ଛିଡା ହୋଇ ଯାନବାହନ ଅପେକ୍ଷାରେ ରହୁଛନ୍ତି। ଦୀର୍ଘ ଦିନରୁ ଏହି ଦୁଇଟି ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଗୋଡଭଗା ନାଗରିକ କମିଟି ସଭାପତି ହାରାଧନ ବାରିକ ପ୍ରଶାସନ ନିକଟରେ ଦାବି କରିଥିଲେ । ହେଲେ ଏଯାଏ କୌଣସି ସୁଫଳ ମିଳିପାରିନାହିଁ। ଏଥିପ୍ରତି ଉଭୟ ଜିଲା ପ୍ରଶାସନ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବା ପାଇଁ ନାଗରିକ କମିଟି ଦାବି କରିଛି ।

# ବିଦ୍ୟୁତ୍ ନାହିଁ, ବିଲ୍ ଆସୁଛି

**ଜାମଟିକ୍ରା, ୧୩।୫ (ଡି.ଏନ.ଏ)**

ଅତାବିରା ଏନଏସିର ୧ ନମ୍ବର ୱାର୍ଡରେ ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ବିପିଏଲ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ସେମାନଙ୍କ ଘରେ ମିଟର, ସୁଇଚ ବୋର୍ଡ ଲଗାଇ ତାର ମଧ ଟଣାଯାଇଛି। କିନ୍ତୁ ୨ ବର୍ଷ ବିତିବା ପରେ ମଧ ବିଦ୍ୟୁତ ସଂଯୋଗ ଦିଆଯାଇନି । କିନ୍ତୁ ପରିତାପର ବିଷୟ ବିନା ବିଦ୍ୟୁତ୍ ସଂଯୋଗରେ ଏହି ୱାର୍ଡର ଶିବ କୁମ୍ଭାରଙ୍କ ପାଖକୁ ମାସିକ ବିଲ୍ ୭୨୫ ଟଙ୍କା ଆସିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଏହି ୱାର୍ଡର ଗୋଲାପି ମହାନନ୍ଦ କହିଛନ୍ତି, ବିନା ବିଦ୍ୟୁତ ସଂଯୋଗରେ ମଧ ତାଙ୍କ ପାଖକୁ ୫ଶହ ଟଙ୍କାର ବିଲ୍ ଆସିଛି । ବିଦ୍ୟୁତ ବିଭାଗର ବିଚିତ୍ରି ନୀତି ଯୋଗୁ ଜନଅସନ୍ତୋଷ ବଢୁଛି । ଏ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଏସଡିଓ ବିଜୟ କୁମାର ବେହେରା କହିଛନ୍ତି ।

# ମଣ୍ଡିରୁ ଉଠିଲା ଧାନ, ଟଳିନି ଅଭାବୀ ବିକ୍ରି ଆଶଙ୍କା

**ବରଗଡ଼ ଅଫିସ୍, ୧୩।୫**



ବରଗଡ଼ ଜିଲା ଗୋଡ଼ଭଗା ମଣ୍ଡିରେ ସଂଗୃହୀତ ଧାନ ମିଲକୁ ନେବା ପାଇଁ ଉଠାଯାଉଛି ।

ବରଗଡ଼ ଜିଲାରେ ଖୋଲିଥିବା ମଣ୍ଡି ଗୁଡ଼ିକରୁ ସୋମବାରଠାରୁ ଧାନ ଉଠାଣ କାର୍ଯ୍ୟ ଆରମ୍ଭ ହୋଇଛି । ଧାନ ଉଠାଣ ଆରମ୍ଭ ହେବା ପରେ ଚାଷୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି । ମାତ୍ର ଧାନ ଉଠାଣରେ ଶୀଥିଳତା ପରିଲକ୍ଷିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମଣ୍ଡିରେ ପଡ଼ିଥିବା ଧାନକୁ ଯୁଦ୍ଧକାଳୀନ ଭିତ୍ତିରେ ଉଠା ନ ଗଲେ ଆଗକୁ ବହୁ ପରିମାଣରେ କ୍ଷତିର ସମ୍ମୁଖୀନ ହେବେ ବୋଲି ଚାଷୀମାନେ କହିଛନ୍ତି । ଏହି କ୍ରମରେ ସୋମବାର ଚାଷୀ ପ୍ରତିନିଧି ପଞ୍ଚାନନ ଦଳପତି, ରବୀନ୍ଦ୍ର ବିଶି ପ୍ରମୁଖ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି । ଜିଲାପାଳ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଧାନ ଉଠାଣ କାର୍ଯ୍ୟ ଜାରି ହୋଇଛି ।

ଅତାବିରା ଆରଏମସିର ଗୋଡ଼ଭଗା, ଅତାବିରା, ଲରମ୍ଭା ସମେତ ବିଭିନ୍ନ ମଣ୍ଡିରେ ସଂଗୃହୀତ ଧାନକୁ ମିଲର୍ସମାନେ ଉଠାଉଛନ୍ତି । ସେହିପରି ବରଗଡ଼ ଆରଏମସି ଅଧୀନ କଲାପାଣି, ତାଲଶ୍ରୀଗିଡ଼ା ସମେତ ବିଭିନ୍ନ ମଣ୍ଡିରୁ ମଧ୍ୟ ଧାନ ଉଠାଣ ଚାଲିଥିବା ଆରଏମସି ସୁପରଭାଇଜର ବିଜୟ ରାଉତ୍ ସୂଚନା ଦେଇଛନ୍ତି । ତେବେ ମଣ୍ଡିରେ ଧାନ ଉଠାଣ ଆରମ୍ଭ ହୋଇଥିଲେ ହେଁ ଏବେ ମଧ୍ୟ ଜିଲାର ବିଭିନ୍ନ ରାଇସ ମିଲ ଗୁଡ଼ିକରେ ଅଣ୍ଡରରେଟ୍‌ରେ କିଣାଯାଇଥିବା ବହୁ ପରିମାଣର ଧାନ ଗଚ୍ଛିତ ରହିଛି । ମିଲର୍ସମାନେ ସରକାରୀ ସହାୟକ ମୂଲ୍ୟଠାରୁ ପ୍ରାୟ ୩୦୦ ଟଙ୍କା କମ୍‌ରେ ଧାନ କିଣୁଛନ୍ତି । ଫଳରେ କେବଳ ଲୋକ ଦେଖାଣିଆ ଗୋଟିଏ ରାଇସ୍ ମିଲରେ ଯାଞ୍ଚ ନ କରି ପ୍ରତ୍ୟେକ ରାଇସ ମିଲରେ ଅତର୍କିତ ଚଢ଼ାଉ କରି ଯାଞ୍ଚ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସମ୍ପାଦକ କିଶୋର ଦେବତା କହିଛନ୍ତି ।

## ■ ଦିନୁଦିନ୍‌କେ ଭୁଗା, ଟୁପାର ଆଦର ଭାଉ କମୁଛେ

# ସଁକଟରେ ବାଉଁଶ କାରିଗର

**ବରପାଲି, ୧୩।୫ (ଡି.ଏନ.ଏ):**

ସମିଆ ବଦିଲବାର ସଂଗେ ଆମର ସମାଜରେ ଅନେକ ପରିବରତନ୍ ଦେଖିବାକେ ମିଲୁଛେ । ଆଏଜ୍‌କେ ୨୦ରୁ ୩୦ ବଛର ତଲେ ଲୋକ୍ କଁସା, ପିତଲ, ରୂପାର ବାସନ ବରତନ ବେଭାର କରୁଥିଲେ। ସେନ୍‌ତା ରଁଧାବଢ଼ାର ଲାଗି ମାଟି ହାଁଡ଼ି, ପାତ୍‌ଲିର ବଡ଼ଭାରି ବେଭାର ହେଉଥିଲା । ଲୋକ୍ ଚାଷ୍‌ବାସ୍, ବିହାବରପନ୍, ପୂଜାପାରବନରେ ବାଉଁଶ ତିଆରି ଭୁଗା, ଟୁପା, ଟଂଘରା, ଡ଼ଲା, ଲୁଦର, ଡୁଲଂଗିର ବଡ଼ଭାରି ବେଭାର କରୁଥିଲେ। ହେଲେ ଆଏଜକାଲି ଇ ପୁରନା ଜିନିଷପାତିର ସେ ଆଘର ଆଦର ନାଁଇଁନ। ଇ ସବୁ ଜିନିଷପାତି ତିଆର ଲାଗି ଆମର ସମାଜରେ ଅନେକ ଜାତି ଅଛନ୍। ହେଲେ ସରକାରୀ ପୋରଛାହନ୍ ଅଭାବୁ ଅନେକ ଜାତି ନିଜର କୁଲବେଉସା ଛାଡ଼ି ଉନିଆ କାମ୍‌ଧଁଦା କରିବସଲେନ। ଏନ୍‌ତା ସଁକଟର ସାମନା କରୁଛନ୍ ପାତିକାର ସମାଜର ବାଉଁଶ କାରିଗରମାନେ। ପ୍ଲାଷ୍ଟିକ୍ ଜିନିଷପାତିର ବଡ଼ଭାରି ବେଭାର ଲାଗି ଲୋକ୍ ବାଉଁଶ ସାମାନକେ ଆଦର ନାଇଁକରବାର। ସଭେ ସସ୍‌ତା, ସୁଁଦର, ମଜବୁତ ଖୁଜୁଛନ୍, ଯେନ୍‌ଥିରଲାଗି ପ୍ଲାଷ୍ଟିକ୍ ଜିନିଷପାତି ଲୁକ୍‌କୁ ସୁହଉଛେ। ବିହାବରପନ, ପୂଜାପାଠକେ ଛାଡ଼ିଦେଲେ ଲୋକ୍ ବାଉଁଶ ସାମାନକେ ଗୁଚିରବାର ନାଇଁ। କାଁ ଭାଁ ଗାଁଗଁଲିରେ ଲୋକ୍ ଇ ବାଉଁଶ ତିଆରି ଭୁଗାଟୁପା, ଲୁଦର, ଡୁଲଂଗି ବେଭାର କରୁଛନ୍। ଯେନ୍‌ଥିରଲାଗି ଦିନୁଦିନ୍‌କେ ବାଉଁଶ କାରିଗରି ଲୋପ୍ ପାଏବାକେ ବସଲାନ। ଇଆଡ଼େ ଜଂଗଲ ଆଇନ୍ କଡ଼ାକଡ଼ି ହେବାର ଲାଗି କାରିଗରମାନେ ସୁବିଧାରେ ବାଉଁଶ ନାଇଁପାଏବାର। ଯେନ୍‌ତା ଇ ଗାରିଗରୀ ବୁଡ଼ବାର ଆରଗୁଟେ ବଡ଼ କାରନ୍। ଏନ୍‌ତା ଦୁଇଛକିରେ ପଡ଼ିଛନ୍ ବରଗଡ଼ ଜିଲା ବରପାଲି ବ୍ଲକ ଲେଣ୍ଡା ପଁଚେଡ଼୍‌ର ଅଇଁଠାପାଲିରେ ବାସକରୁଥିବାର ପାତିକାର ସମାଜର ୩୫ ପରିବାରର କାରିଗରମାନେ। ବାଉଁଶ ସାମାନ୍‌ର ଆଦର କମି କମି ଗଲାବେଲେ କଁଚାମାଲର ବଡ଼ଭାରି ଅଭାବ କାରିଗରମାନକୁ ଦୁଇଛକିରେ ପକେଇ ଦେଉଛେ। ବାପ ଅଜା ଅମଲୁ ଇ ସମାଜର ଲୋକ୍ ବାଉଁଶ କାରିଗରିକେ ନିଜର କୁଲବୁରତି ହିସାବେ ନେଇ ଚଲିଆସିଛନ୍। ବାଉଁଶରୁ ଭିନେ ଭିନେ ସାମାନ ତିଆରି ଆସର ପାସର ହାଟ ହଟଲିରେ ବିକାଭଂଗା କରି ନିଜର କୁଟୁମ ପୁଷୁଥିବାର କହିଛନ୍ କାରିଗର ଅର୍ଜୁନ ଭୋଇ, ରକ୍ଷାକାରୀ ବାଗ, କୁବେର ଭୋଇ ଆର କୁନୁ ବେହେରା । ସେମାନେ ଅଭାବ ଅସବିଧାରେ ଚାଷୀକରନୁ ବାଉଁଶ ଘିନି ଭିନେ ଭିନେ ସାମାନ ତିଆରୁଛନ୍। ସେଟାକେ ପାସର ସାପ୍‌ତାହିକ ବଜାରରେ ବିକାଭଂଗା କରୁଛନ୍। ବରପାଲି ଅଂଚଲରେ ଏହେଦେ ବାଉଁଶ ତିଆରି ଫୁଲଡାଟିର ବଡ଼ଭାରି ଚାହିଦା ରହିଛେ। ହେଲେ ଆଏକାଲି ଇ କାରିଗରମାନେ କାମ୍ ହିସାବେ ଦାମ୍ ନାଇଁ ପାଉଥିବାର କହିଛନ୍। ଯେନ୍‌ଥିରଲାଗି ଇ ବୁରତିରେ ମୁଠେ ଖାଇ ଡାଁଡ଼େ ବଁଚ୍‌ବାର ହେଉଛେ ବଲି କାରିଗର ଅର୍ଜୁନ ଭୋଇ କହିଛନ୍। ସରକାର ବାଉଁଶ କାରିଗରୀକେ କୁଟୀର ଶିଳ୍ପର ମାଏନ୍‌ତା ଦେଇ କାରିଗରମାନକୁ ପୋରଛାହନ ଯୁଗେଇଦେବାର କଥା। କାରିଗରମାନେ ପୋରଛାହନ୍ ପାଏଲେ କାରିଗରୀ ବଁଚ୍‌ବାର ସଂଗେ କାରିଗର ପରିବାରମାନକର ବୁରତି ବି ବଁଚି ରହେତା ବଲି କାରିଗର କୁବେର ଭୋଇ, ବଚ ସାହୁ, ରେଣୁକା ନାଏକ, ରକ୍ଷାକାରୀ ବାଗ ମତ ଦେଇଛନ୍।



କୁଲା ତିଆରିବାର ଲାଗି ଝନେ କାରିଗର ପାତିଆ କାଟୁଛନ୍।

# ଶିକ୍ଷକ ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀଙ୍କ ଗୁହାରି

**ବରଗଡ଼ ଅଫିସ୍, ୧୩।୫**



ଜିଲା ଆପତକାଳୀନ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ନିର୍ବାଚନ କାର୍ଯ୍ୟରେ ଯାଇଥିବାବେଳେ ଗତ ଏପ୍ରିଲ ୧୬ତାରିଖରୁ ଗୁରୁତର ଅସୁସ୍ଥ ଅବସ୍ଥାରେ ଶଯ୍ୟାଶାୟୀ ଥିଲେ ଶିକ୍ଷକ ହେମସାଗର ଭୁଏ । ହେମସାଗରଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସୋମବାର ତାଙ୍କ ସ୍ତ୍ରୀ ବେଲ କୁମାରୀ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆପାତକାଳୀନ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ରାକେଶ କୁମାର ନାୟକ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ହେମସାଗର ଅତାବିରା ବ୍ଲକ ଆମଝର ପ୍ରାଥମିକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି । ସାଧାରଣ ନିର୍ବାଚନ କାର୍ଯ୍ୟ ସମ୍ପାଦନ ପାଇଁ ସେ ଗତ ଏପ୍ରିଲ ୧୬ ତାରିଖରେ ସିକିଡ଼ି ପ୍ରାଥମିକ ସ୍କୁଲକୁ ଯାଇଥିଲେ। ଟାଣଖରା ଯୋଗୁ ସେହିଦିନ ସନ୍ଧ୍ୟା ୫ଟାରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏହାପରେ ତାଙ୍କୁ ବରପାଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ମଧ୍ୟ ହେମସାଗର କୋମା ଅବସ୍ଥାରେ ଘରେ ଶଯ୍ୟାଶାୟୀ ଥିବା ବେଲ କୁମାରୀ କହିଛନ୍ତି। ସ୍ୱାମୀଙ୍କ ଚିକିତ୍ସା ପାଇଁ ମାତ୍ରାଧିକ ଖର୍ଚ୍ଚ ହେଉଥିବା ଯୋଗୁ ତାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସେ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡ ହାଇମାଷ୍ଟ ଲାଇଟ୍ ଜଳୁନି

**ଲୋଇସିଂହା, ୧୩।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ବସ୍‌ଷ୍ଟାଣ୍ଡରେ ଥିବା ହାଇମାଷ୍ଟ ଲାଇଟ ମାସେ ହେଲା ଜଳୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ବି ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ବସଷ୍ଟାଣ୍ଡ ଅନ୍ଧକାରମୟ ହୋଇପଡିଛି। ସ୍ଥାନୀୟ ବ୍ୟବସାୟୀ ଓ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁର୍ଡା ଗ୍ରାମ ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି। ଉକ୍ତ ବସ୍‌ଷ୍ଟାଣ୍ଡ ଉପରେ ବାଞ୍ଜିପାଲି, ନଅଗାଁ(ଖ), ଦାସପାଲି, ସାନଟିକା, ବଡଟିକା, ବୁରୋଭାଡି ପ୍ରଭୃତି ଗ୍ରାମର ଲୋକେ ନିର୍ଭର ଧରିଥାନ୍ତି। ବସ୍‌ଷ୍ଟାଣ୍ଡରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ବସ୍‌ଷ୍ଟାଣ୍ଡ ଚାରିଛକ ବିଶିଷ୍ଟ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇଛି। ଏବେ ଅନ୍ଧକାର ଯୋଗୁ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଇଛି। ଏଥିପ୍ରତି ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବିହେଉଛି।

### ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ ସ୍ଥାପନ

**ବିନିକା, ୧୩।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ପାପକ୍ଷୟରେ ନବନିର୍ମିତ ଶିବ ମନ୍ଦିରର ରତ୍ନମୂଦ ସ୍ଥାପନ କାର୍ଯ୍ୟ ସୋମବାର ପାପକ୍ଷୟ ଶିବ ମନ୍ଦିର କମିଟି ଦ୍ୱାରା ସମ୍ପନ୍ନ ହୋଇଯାଇଛି। ଏଥିପାଇଁ ପାପକ୍ଷୟ ପୀଠ ସକାଳ ୮ଟାରୁ ଚଳଚଞ୍ଚଳ ରହିଥିଲା। ବିନିକା ପଡାର ସଂକୀର୍ତ୍ତନ୍ୟ ଦଳ ପକ୍ଷରୁ ଏ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତାଭାବେ ଦେବେନ୍ଦ୍ର ସେଠୀ ଓ ଦେବାଶିଷ ତରିଆ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ୟାସ ଭାବେ ଘୁଟୁ ପୁରୋହିତ ଏବଂ ଥନାପତି ବିମ୍ବାଧର ବିଶି ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ଲଳିତ ତରିଆ, ସମ୍ପାଦକ ରବିନ୍ଦ୍ର ହୋତାଙ୍କ ସହିତ ସମସ୍ତ କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଅପରାହ୍ନ ୪ଟାରେ ମନ୍ଦିରର ରତ୍ନମୂଦ ସ୍ଥାପନ କାର୍ଯ୍ୟ ସମାପିତ ହୋଇଥିଲା।

### ମଦ, ସଟ୍ଟା କାରବାର ବୃଦ୍ଧି

**ଲୋଇସିଂହା, ୧୩।୫(ଡି.ଏନ.ଏ):** ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ମାହାରପାଲି ଛକରେ ମଦ ଓ ସଟ୍ଟା କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି କାରବାର ଦିନକୁ ଦିନ ବଢୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ମଦୁଆଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଉକ୍ତ ଛକରେ ପ୍ରତ୍ୟେକ ରବିବାର ସାପ୍ତାହିକ ହାଟ ଦିନ ଜୁଆ ଖେଳ ଚାଲିଆସୁଛି। ୨୦୧୫ ମସିହାରେ ଏହି ସ୍ଥାନରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢାଉ କରି ବିପୁଳ ଟଙ୍କା ଜବତ କରିବା ସହ କେତେକଙ୍କୁ ଗିରଫ କରିଥିଲା। ପୋଲିସ ଧରପଗଡ ବେଳେ ଜଣେ ବ୍ୟକ୍ତି ଖସି ପଳାଇବାକୁ ଉଦ୍ୟମବେଳେ ଏକ କୂଅରେ ପଡି ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରଠାରୁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

କେଭିକେମାନଙ୍କ ବାର୍ଷିକ ଯୋଜନା ପ୍ରସ୍ତୁତି ପାଇଁ ମାନସ ମନ୍ଥନ

# ଜଙ୍ଗଲ ବଢ଼ିଲେ ତାପମାତ୍ରା କମିବ

**ସୋନପୁର, ୧୩।୫(ନି.ପ୍ର.)**




କର୍ମଶାଳାରେ ସୁବର୍ଣ୍ଣପୁର ଡିଏଫଓ, ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଓ କେଭିକେର ବୈଜ୍ଞାନିକ ବୃନ୍ଦ ମଞ୍ଚାସୀନ।

ସୁବର୍ଣ୍ଣପୁର ଜିଲା ଦେଇ ମହାନଦୀ, ତେଲନଦୀ ଓ ଅଙ୍ଗନଦୀ ଭଳି ଅନେକ ଛୋଟବଡ ନଦୀ ପ୍ରବାହିତ ହେଉଥିଲେ ହେଁ ଏଠାକାର ତାପମାତ୍ରା ଅଧିକ। କାରଣ ଜିଲାର ସମୁଦାୟ କ୍ଷେତ୍ରଫଳର ମାତ୍ର ୧୮.୧୫ ପ୍ରତିଶତ ଜଙ୍ଗଲ ରହିଛି। ଏହା ସର୍ବନିମ୍ନ ୩୩ ପ୍ରତିଶତ ରହିବା କଥା। ଜିଲାରେ ଜଙ୍ଗଲ ବଢିଲେ ହିଁ ତାପମାତ୍ରା କମିବ। ଜଙ୍ଗଲ ସମ୍ପଦର ସୁବିନିଯୋଗ ଓ ବାଉଁଶ ଚାଷ ଦ୍ୱାରା ସାଧାରଣ ଗ୍ରାମୀଣ ପରିବାରର ଜୀବନ ଜୀବିକାର ଉନ୍ନତି ହେବ। ଜଳ ଓ ମୃତ୍ତିକା ସଂରକ୍ଷଣ ହୋଇପାରିବ ବୋଲି ସୋନପୁର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ସମ୍ମିଳନୀ କକ୍ଷରେ ଆୟୋଜିତ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କର ବାର୍ଷିକ ଯୋଜନା ପ୍ରସ୍ତୁତି ପାଇଁ ମାନସ ମନ୍ଥନରେ ଯୋଗଦେଇ ସୁବର୍ଣ୍ଣପୁର ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ ସାମନ୍ତରାୟ ଏହି ମତପ୍ରକାଶ କରିଛନ୍ତି। ବୈଜ୍ଞାନିକମାନେ ଏଥି ନିମନ୍ତେ ନୂତନ ରାସ୍ତା ଦେଖାଇବାକୁ ପଶ୍ଚିମ ଓଡିଶାର ୮ଟି ଜିଲାର ଭିତ୍ତିଭୂମି କାର୍ଯ୍ୟ ଖସଡା ରୂପାୟନ କର୍ମଶାଳାରେ ସେ ଏହି ପରାମର୍ଶ ଦେଇଥିଲେ। ସୋନପୁର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ ଡିଏଫଓ ସାମନ୍ତରାୟଙ୍କୁ ମାଳ ଅଞ୍ଚଳରେ କୃଷିର ସମସ୍ୟା ଓ ତାର ନିରାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏ କ୍ଷେତ୍ରରେ ଜଙ୍ଗଲ ବିଭାଗର ସହଯୋଗ ଲୋଡା ଯାଇଥିଲା। ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକ ଜିଲାର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ପ୍ରସ୍ତୁତି ପାଇଁ ସେମାନଙ୍କର ସମସ୍ୟାର ସଠିକ୍ ଅବଲୋକନ ଓ ତାର ନିରାକରଣ ପାଇଁ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ସମ୍ବଲପୁର, ବୌଦ୍ଧ ଜିଲାର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକଙ୍କ ସହ ୪୫ ଜଣ ବୈଜ୍ଞାନିକ ଯୋଗଦେଇଥିଲେ। ପଶ୍ଚିମାଞ୍ଚଳର କୃଷି ଜନିତ ସମସ୍ୟା ଓ ତାର ନାରାକରଣ ପାଇଁ ଉପଯୁକ୍ତ ବୈଜ୍ଞାନିକ ଜ୍ଞାନ କୌଶଳ ଉପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମାନସ ମନ୍ଥନ ଜାରି ରହିବ ବୋଲି କେନ୍ଦ୍ରର ବୈଜ୍ଞାନିକ ତଥା ସଞ୍ଚାଳିକା ସୁରୋଜ୍ୟୋତି ପ୍ରଧାନ କହିଛନ୍ତି।

ଗ୍ୟାସଟାଙ୍କିରୁ ନିଆଁଲାଗି ଦମ୍ପତି ଗୁରୁତର ଘଟଣା

# ୫ମାସ ବିତିଲା, ସହାୟତା ମିଳିନି

**ଖପ୍ରାଖୋଲ, ୧୩।୫(ଡି.ଏନ.ଏ.)**



ପୋଡି ଯାଇ କ୍ଷତିଗ୍ରସ୍ତ ହୋଇଥିବା ହରିବୋଲ ପୋଢ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବଡ ଗୁର୍ଜିଭଟା ଗାଁର ହରିବୋଲ ପୋଢ (୬୩)। ଗତ ବର୍ଷ ଡିସେମ୍ବର ୭ ତାରିଖରେ ଖପ୍ରାଖୋଲର ଇଣ୍ଡିଏନ ଗ୍ୟାସ ଏଜେନ୍ସି ଠାରୁ ଏକ ଗ୍ୟାସ ସିଲିଣ୍ଡର ନେଇଥିଲେ। ଘରକୁ ନେଇ ନିଜେ ସଂଯୋଗ କରୁଥିବା ବେଳେ କୌଣସି କାରଣରୁ ସିଲ ଖୋଲିଲା ପରେ ଟ୍ୟାଙ୍କର ସବୁ ଗ୍ୟାସ ବାହାରି ଘର ସାରା ବ୍ୟାପୀ ଯାଇଥିଲା। ଘର ବାହାରେ ନିଆଁ ଥିବାରୁ ତାହା ଜଳି ବା ସହ ହରିବୋଲ ଏବଂ ତାଙ୍କ ସ୍ତ୍ରୀ ଗୁରୁତର ଭାବେ ପୋଡି ଯାଇଥିଲେ। ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଅବସ୍ଥାରେ ସ୍ୱାମୀସ୍ତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ବାବଦକୁ ୫୦ହଜାରରୁ ଉର୍ଦ୍ଧ୍ୱ ସେମାନେ ଖର୍ଚ୍ଚ କରିଥିବା ବେଳେ ଗ୍ୟାସ କମ୍ପାନୀ ତରଫରୁ ଘଟଣାର ୫ ମାସ ପରେ ବି କେହି ତଦନ୍ତ ପାଇଁ ଆସି ନଥିବା କିମ୍ବା କୌଣସି ସହାୟତା ମିଳି ନ ଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଗ୍ୟାସ ଏଜେନ୍ସି ଏବଂ ପ୍ରଶାସନକୁ ମଧ୍ୟ ଜଣାଇଥିଲେ କିଛି ଫଳ ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ୟାସ ଏଜେନ୍ସି ମାଲିକ କେ.ସି .ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।

# ନୂତନ ଟ୍ରାନ୍ସଫର୍ମରରୁ ସଂଯୋଗ ଦିଆଯାଉନି

**ସୋନପୁର, ୧୩।୫(ନି.ପ୍ର.)**

- ଲୋ ଭୋଲଟେଜ୍ ଯୋଗୁ ଗ୍ରାମବାସୀ ହୀନସ୍ତା
- ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ

ସୋନପୁର ବ୍ଲକ ବଲାଡି ଗ୍ରାମ ଉପରିପଡାର ୧୩୦ଟି ପରିବାର ଲୋଭୋଲଟେଜ୍ ସମସ୍ୟା ଯୋଗୁଁ ହୀନସ୍ତା ହେଉଛନ୍ତି। ୪୫ ଡିଗ୍ରୀ ଉପରେ ତାପମାତ୍ରା ରହୁଥିବାରୁ ଗ୍ରାମବାସୀ ତାତି ସହ୍ୟ କରି ପାରୁନାହାନ୍ତି। ବଲ୍‌ବ ଜଳୁ ନ ଥିବାରୁ ଛାତ୍ରୀଛାତ୍ର ରାତିରେ ପାଠ ପଢିବା କ୍ଷେତ୍ରରେ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗ ଜନସାଧାରଣଙ୍କ ସମସ୍ୟାକୁ ସମାଧାନ କରିବା କ୍ଷେତ୍ରରେ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ପଡାକୁ ଏକ ୨୫ କେଭି ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଭୋଲଟେଜ୍ ରହୁ ନ ଥିବାରୁ ଗାଁରେ ଥିବା ୬୩ କେଭି ଟ୍ରାନ୍ସଫରମରରୁ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଏଥିପାଇଁ ବିଦ୍ୟୁତ୍ ବିଭାଗ ପ୍ରତି ପରିବାରରୁ ୧ହଜାର ଟଙ୍କା ଲେଖାଏଁ ବକେୟା ବିଦ୍ୟୁତ୍ ବିଲ ଆଦାୟ କରିଛି। ମାତ୍ର ୨ ମାସ ହେଲା ନୂତନ ଟ୍ରାନ୍ସଫରର୍ମରୁ ସଂଯୋଗ ଦିଆଯାଉନି। ସୋମବାର ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଗ୍ରାମର ଉମେଶ ମହାକୁର, ଉମେଶ ପୁଟେଲ, କେଦାର ଦାଶ, ଗୋବିନ୍ଦ ମହାଲିଙ୍ଗ, ପଞ୍ଚାନନ କରଣ, ହରିଶଙ୍କର ସାହୁ ଓ ଖଗେନ୍ଦ୍ର ସେଠୀ ପ୍ରମୁଖ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରଶ୍ମିରଞ୍ଜନ ଜେନାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।




ବଲାଡି ଉପରିପଡା ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବାକୁ ଆସିଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ, ୧୩।୫**

ବଲାଙ୍ଗୀର ରେଳଷ୍ଟେଶନ ନିକଟ ରେଳବାଇ ହସ୍‌ପିଟାଲ ପାଖ ଏକ ଗଛରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ରେଳବାଇ ପୋଲିସ ସୋମବାର ଜବତ କରିଛି। ମୃତା ନୟାଗଡ ଜିଲା କଣ୍ଟିଲୋ ଗ୍ରାମର ମଟିଆ ବାରିକଙ୍କ ସ୍ତ୍ରୀ ବୋଲି ପୋଲିସ ପକ୍ଷରୁ ଚିହ୍ନଟ କରାଯାଇଛି। କୌଣସି କାରଣରୁ ମହିଳା ଜଣକ ଘରୁ ଚାଲିଆସି ଏଠାରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀର ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୩/୧୯) ରୁଜୁ ହୋଇଛି। ରବିବାର ସନ୍ଧ୍ୟାରେ ରେଲୱେ ଷ୍ଟେଶନ ହସପିଟାଲ ପାଖ ପତ୍ରା ଜଙ୍ଗଲରେ ଥିବା ଏକ ଗଛରେ ଜଣେ ମହିଳାଙ୍କ ମୃତଦେହ ଝୁଲୁଥିବା ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏ ନେଇ ପୋଲିସ ଛାନବିନ୍ କରିବାରୁ ଧଳା ଛିଟଶାଢ଼ି ପିନ୍ଧିଥିବା ଜଣେ ମହିଳା ଫାଶ ଲଗାଇ ଝୁଲୁଥିବା ଦେଖାଯାଇଥିଲା। ଏହାପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ମୃତଦେହଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ପଠାଇଥିଲା। ଘଟଣାସ୍ଥଳରୁ ଏକ ଏୟାରବ୍ୟାଗ୍‌ରେ କିଛି ଲୁଗାପଟା ଓ ଦର୍ପଣ ମିଳିଥିଲା। ସେଥିରେ ଫୋନ୍ ନମ୍ବର ଲେଖାଥିବା ଏକ ଖାତା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରି ମୃତାଙ୍କ ପରିଚୟ ପାଇଥିବା ରେଳବାଇ ଥାନା ଅଧିକାରୀ ଦୁର୍ଗାଚରଣ ପ୍ରଧାନ କହିଛନ୍ତି। ମହିଳାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ପରିବାର ସଦସ୍ୟ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଦେଓଗାଁ ଯୋଗୀସାଗର ମାଟି ଉନ୍ନତୀକରଣ କାର୍ଯ୍ୟକୁ ନରସିଂହ ମିଶ୍ର ପରିଦର୍ଶନ କରୁଛନ୍ତି।

ଯୋଗୀସାଗର ମାଟି ଉନ୍ନତିକରଣ

# ଏଷ୍ଟିମେଟ୍ ଅନୁସାରେ କାମ ହୋଇ ନ ଥିବା ଅଭିଯୋଗ

**ଦେଓଗାଁ, ୧୩।୫(ଡି.ଏନ.ଏ.)**

**କାର୍ଯ୍ୟ ତଦାରଖ କଲେ ନରସିଂହ**

ବଲାଙ୍ଗୀର ଜିଲା ଦେଓଗାଁର ସର୍ବପୁରାତନ ବୃହତ ଜଳାଶୟ ଯୋଗୀସାଗରର ମାଟିଉନ୍ନତିକରଣ କାର୍ଯ୍ୟ ଜିଲା କ୍ଷୁଦ୍ରଜଳସେଚନ ବିଭାଗ ତରଫରୁ ଚାଲିଛି। ୨୦୧୭ ଡିସେମ୍ବରରେ ବିଧାୟକ ନରସିଂହ ମିଶ୍ର ଗାଁକୁ ଆସିଥିବା ସମୟରେ ଗ୍ରାମବାସୀ ୧୩୦ଏକର ପରିମିତ ଜମିରେ ଥିବା ବୃହତ ଜଳାଶୟକୁ ଜବରଦଖଲ କରାଯାଉଥିବା ଅଭିଯୋଗ କରିବା ସହ ପଙ୍କ ଉଦ୍ଧାର ଓ ମାଟି ଉନ୍ନତିକରଣ ପାଇଁ ଅର୍ଥମଞ୍ଜୁର କରିବାକୁ ଦାବି କରିଥିଲେ। ବିଧାୟକ ମିଶ୍ରଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ଟଙ୍କା ମଞ୍ଜୁର ହୋଇ ୮୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୬୪ଲକ୍ଷ ଟଙ୍କାର ମାଟି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହୋଇଛି। ହେଲେ ପ୍ରକୃତ ଏଷ୍ଟିମେଟ ଅନୁସାରେ ମାଟି ଉନ୍ନତିକରଣ ହୋଇ ନ ଥିବା କେତେକ ଗ୍ରାମବାସୀ ତଥା ଚାଷୀ ବିଧାୟକଙ୍କୁ ଅଭିଯୋଗ କରିଥିଲେ। କାମକୁ ନେଇ ଅଭିଯୋଗ ଉଠିବା ପରେ ସୋମବାର ବିରୋଧିଦଳ ନେତା ମିଶ୍ର ଯୋଗୀସାଗରର ଉନ୍ନତିକରଣ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ମାନଭଞ୍ଜନ ଶତପଥୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ସାଗରର ଉନ୍ନତିକରଣ ସମ୍ପର୍କରେ ଅବଗତ କରାଇଥିଲେ। ଲକ୍ଷ୍ମଣ ପୋଢ଼, ଓଁକାର ପଟ୍ଟନାୟକ, ମାଣିକ୍ୟ ପାତ୍ର, ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓ ପ୍ରମୁଖ କେତେକ ଚାଷୀ ଯୋଗୀ ସାଗରର ପୁରୁଣା ସରପ୍ଲସକୁ ଉଚ୍ଚ କରା ନ ଗଲେ ସାଗରତଳମୁଣ୍ଡରେ ଥିବା ଚାଷୀ ବ୍ୟାପକ କ୍ଷତି ସହିବାକୁ ପଡିବ ବୋଲି ଅଭିଯୋଗ କରିଥିଲେ। ଏହା ସହ ଏହି ସରପ୍ଲସକୁ ଉଚ୍ଚ କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟର ପ୍ରକୃତ ତଦନ୍ତ କରିବା ସହ ଆଗକୁ ଠିକ୍‌ଭାବେ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ମିଶ୍ର ତାଗିଦ୍ କରିଥିଲେ। ଏହା ସହ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରପ୍ଲସକୁ ଉଚ୍ଚ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ତଦାରଖ ସମୟରେ ଗ୍ରାମର ବିଶ୍ୱଜିତ ପାତ୍ର, ସମିର ସାହୁ, କୁନା ସାହୁ, ଜଗୁ ସାହୁ, ଶିବ ପ୍ରସାଦ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

■ ତେଲ ଟ୍ୟାଙ୍କର ଧକ୍କାରେ ଜଣେ ଗୁରୁତର

# ଉତ୍ତ୍ୟକ୍ତ ଲୋକେ ଟ୍ୟାଙ୍କର ଜାଳି ଦେଲେ

**ବଲାଙ୍ଗୀର ଅଫିସ, ୧୩।୫**

୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀର ମଠଖାଇ ମନ୍ଦିର-ସିନଖମନ ମଝିରେ ସୋମବାର ରାତିରେ ଏକ ତେଲ ଟ୍ୟାଙ୍କର କାର ଏବଂ ଭ୍ୟାନକୁ ଧକ୍କା ଦେଇଥିଲା। ଏଥିରେ ଭ୍ୟାନ (ହିମାଳୟ ସୋଢା)ଡ୍ରାଇଭର ଆହତ ହୋଇଛନ୍ତି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଡ୍ରାଇଭରଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।






ସୋମବାର ମଠଖାଇ ମନ୍ଦିର-ସିନଖମନ ମଝିରେ ଲୋକେ ଜାଳିଦେଇଥିବା ଟ୍ୟାଙ୍କରକୁ ଦମକଳ ବାହିନୀ ଲିଭାଉଛନ୍ତି (ବାମ)। ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍।

# ବାଇକ୍ ଲୁଟେରା ଗ୍ୟାଙ୍ଗର ୬ ଗିରଫ

**ବେଲପଡା, ୧୩।୫(ଡି.ଏନ.ଏ.)**



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ବାଇକ୍।

**୧୦ ବାଇକ୍ ଜବତ**

ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଆନ୍ତଃଜିଲା ବାଇକ ଲୁଟେରା ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୧୦ଟି ବାଇକ ଜବତ କରାଯାଇଛି। ଏ ସମ୍ପର୍କରେ ସୋମବାର ବେଲପଡା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ପାଟଣାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁରେଶ ନାଏକ। ତାଙ୍କ ସୂଚନା ଅନୁସାରେ କିଛି ମାସ ପୂର୍ବରୁ ବେଲପଡା ଥାନା ଅଞ୍ଚଳର କେତେକ ଯୁବକ ଯୋଜନାବଦ୍ଧଭାବେ ବଲାଙ୍ଗୀର, ବରଗଡ, ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ, ଲରମ୍ଭା, ବେଲପଡା ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଟିମ୍ କେତେକ ବାଇକ ଲୁଟେରାଙ୍କୁ ଧରି ପଚରାଉଚୁରା କରିବା ପରେ ପାଟଣାଗଡ, କଣ୍ଟାବାଞ୍ଜି, ଖପ୍ରାଖୋଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖି ଚୋରି ୧୦ ବାଇକ ଜବତ କରିବା ସହ ୬ ଲୁଟେରାଙ୍କୁ ଧରିଥିଲା। ସେମାନେ ହେଲେ ବେଲପଡା ଥାନା ଅନ୍ତର୍ଗତ ବେଲପଡାର ବିଜୁ ଓରଫ ଗୌତମ ସିଂ(୨୦), ବୁଢାଭଟା ଗ୍ରାମର ଟୁନା ଓରଫ ଜୟରାମ ବେହେରା(୨୬), ମିନିକେତନ ବିଭାର, ପୁରୁଟ ଓରଫ ଲଛମନ ଦାସ(୨୬), ଝାଙ୍କିରିପାଲି ଗ୍ରାମର ଯୋଗେଶ୍ୱର ସାହୁ(୨୭) ଓ ଖପ୍ରାଖୋଲ ଥାନା ବଳିଆବାହାଲ ଗ୍ରାମର ରାଜୁ ମାଝୀ(୧୯)। ଗିରଫ ଅଭିଯୁକ୍ତମାନଙ୍କୁ ବେଲପଡା ଥାନାରେ ଏକ ମାମଲା(ନଂ.୭୧/୧୯) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଟିଟିଲାଗଡ ଜିଆରପି, ନୂଆପଡା ଓ ବେଲପଡା ଥାନା ଅଧୀନରେ ଏକାଧିକ ମାମଲା ରହିଛି। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ପାରେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ବେଲପଡା ଥାନା ଅଧିକାରୀ ସଚ୍ଚିଦାନନ୍ଦ ବରିହା, ସବଇନ୍ସପେକ୍ଟର କିରନ କୁମାର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ୧୬ରୁ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୧୩।୫**

ଓଡ଼ିଶା ରଜ୍ୟ ସୁଇମିଂ ଆସୋସିଏଶନ ନିର୍ଦ୍ଦେଶକ୍ରମେ ଆସନ୍ତା ୧୬ତାରିଖରୁ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସସ୍ଥିତ ସନ୍ତରଣାଗାରରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଫିନା ରୁଲ୍ସ ଆଧାରରେ ୪ଟି ବୟସବର୍ଗ ବିଭାଗରେ ପ୍ରତିଯୋଗିତା ହେବ। ପ୍ରଥମ ବିଭାଗରେ ୧୫ରୁ ୧୭ବର୍ଷ, ଦ୍ୱିତୀୟ ବିଭାଗରେ ୧୨ରୁ ୧୪, ତୃତୀୟ ବିଭାଗରେ ୧୧ ଓ ଚତୁର୍ଥ ବିଭାଗରେ ୯ରୁ ୧୦ବର୍ଷ ବୟସର ପ୍ରତିଯୋଗୀ ଭାଗ ନେବେ। ଫ୍ରି ଷ୍ଟାଇଲ, ବ୍ୟାକ ଷ୍ଟୋକ, ବ୍ରେଷ୍ଟ ଷ୍ଟୋକ ଇଣ୍ଡିଭିଜୁଆଲ ମଡଲେ, ଫ୍ରି ଷ୍ଟାଇଲେ ରିଲେ, ମିଡ଼ଲେ ରିଲେ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆସନ୍ତା ଜୁନ ୨ରୁ ୩ ତାରିଖରେ ସମ୍ବଲପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁଇମିଂ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା ସୁଇମିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍,୧୩।୫:** ବରଗଡ଼-ସୋହେଲା ରାସ୍ତାର ଦଶମାଇଲ ଛକରେ ସୋମବାର ପୂର୍ବାହ୍ନରେ ବାଇକ୍‌କୁ ଟ୍ରାକ୍ଟର ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଆରୋହୀ ହେଲେ ଜଟର୍ଲା ଗ୍ରାମର ବିକ୍ରମ ପ୍ରଧାନ। ଏହି ଦୁର୍ଘଟଣାରେ ତାଙ୍କ ଭାଇ ଶଙ୍କର୍ଷଣ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।
ପ୍ରକାଶ ଯେ, ଦୁଇ ଭାଇ ବିକ୍ରମ ଓ ଶଙ୍କର୍ଷଣ ଏକ ବାଇକ୍ ଯୋଗେ ଯାଉଥିଲେ । ଦଶମାଇଲ ଛକ ନିକଟରେ ଦ୍ରୁତବେଗରେ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ବିକ୍ରମଙ୍କୁ ମୃତ ଘୋଷଣା କରାଯାଇଥିଲା। ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି ।

### ବୈଶାଖ ମେଳା ଆରମ୍ଭ

**ପାଇକମାଳ,୧୩।୫ (ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ସୋମବାର ବୈଶାଖ ମେଳା ଆରମ୍ଭ ହୋଇଛି । ଏହାସହ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୧୦୮ ଜଳପୂର୍ଣ୍ଣ କଳସ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି । ଯଜ୍ଞ ମଣ୍ଡପ ପୂଜନ ସମାରୋହରେ ୧୧ ଜଣ ପଣ୍ଡିତଙ୍କ ସହ ମୁଖ୍ୟପଣ୍ଡିତ ଡିଗ୍ରୀଧର ଦେବତା ଦାୟିତ୍ୱ ତୁଲାଉଛନ୍ତି । ଶଙ୍କର ଭୁଏ ଓ ତାଙ୍କ ସ୍ତ୍ରୀ ପ୍ରେମ ଭୁଏ ଯଜ୍ଞ କର୍ତ୍ତା ଅଛନ୍ତି। ବିଡିଓ ସଦାଶିବ ନାୟକ, ରମେଶ ଚନ୍ଦ୍ର ସେଠି, ପୁରନ୍ଦର ସାହୁ, ରୋହିତ ମିଶ୍ର, ବାସନ୍ତୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଦୁର୍ଘଟଣାରେ କାର୍ ଚୂରମାର୍

**ବରଗଡ଼ ଅଫିସ୍,୧୩।୫:** ବରଗଡ଼ ସହରର ଗୁରୁଦ୍ୱାରା ଛକ ନିକଟରେ ସୋମବାର ଭୋର୍ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ଅନ୍ୟ ଏକ କାର୍‌ର ସମ୍ମୁଖ ଭାଗ ଚୂରମାର୍ ହୋଇ ଯାଇଛି । ତେବେ ସୌଭାଗ୍ୟକ୍ରମେ କାର୍ ଚାଳକ ରକ୍ଷା ପାଇ ଯାଇଛନ୍ତି ।

### ତାରକାସୁର ଚୟନ ପ୍ରତିଯୋଗିତା

**ବରପାଲି, ୧୩।୫ (ଡି.ଏନ.ଏ):** ଐତିହ୍ୟ ସମ୍ପନ୍ନ ବରପାଲି ଶୀତଳଷଷ୍ଠୀ ଯାତ୍ରାର ୧୪୨ତମ ବର୍ଷ ପାଇଁ ତାରକାସୁର ଚୟନ ପ୍ରତିଯୋଗିତା ରବିବାର ସମ୍ପନ୍ନ ହୋଇଛି। ଏଥିରେ ଅଭିନୟ କରିବା ପାଇଁ ୪ଜଣ କଳାକାର ବୀରବଜରଙ୍ଗ ମେହେର, ଗୋଲାପ ଦାଶ, ବୃନ୍ଦାବନ ପଧାନ ଓ ଦେବରାଜ ଛତ୍ରିଆ ପ୍ରମୁଖ ପ୍ରତିଦ୍ୱନ୍ଦୀ ଭାବେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏମାନଙ୍କ ମଧରୁ କିଏ ଶ୍ରେଷ୍ଠ ବିବେଚିତ ହେବେ ତାହା ଯାତ୍ରା କମିଟି ନିଷ୍ପତ୍ତି ନେଲା ପରେ ଘୋଷଣା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି ।

■ ଭୋଟ୍ ଦେଇ ସାମାଜିକ ବାସନ୍ଦ ହେବା ଘଟଣା

# ମାସେ ବିତିବ, ହୋଇନି ସମାଧାନ

**ବରଗଡ଼ ଅଫିସ୍,୧୩।୫**



ସାମାଜିକ ବାସନ୍ଦ ହୋଇଥିବା ପରିବାର ସଦସ୍ୟ ଜିଲାପାଳଙ୍କୁ ଭେଟୁଛନ୍ତି ।

- ■ ନିଆଁ, ପାଣି ବନ୍ଦ ଯୋଗୁ ବହୁ ହଟହଟା
- ■ ଜିଲାପାଳଙ୍କୁ ଭେଟିଲେ ପରିବାର ଲୋକେ
- ■ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଲେ ଜିଲାପାଳ

ସାଧାରଣ ନିର୍ବାଚନରେ ଭୋଟ୍ କେନ୍ଦ୍ରକୁ ଯାଇ ନିଜ ମତାଧିକାର ସାବ୍ୟସ୍ତ କଲେ । ମାତ୍ର ମତଦାନ ସେମାନଙ୍କ ପାଇଁ ମହଙ୍ଗା ପଡ଼ିଲା। ମତଦାନ କରିଥିବା ବରଗଡ଼ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ରାସାଲି ଗ୍ରାମର ଅରକ୍ଷିତ ସାହୁ ଓ ଶିବ ବୁଦ୍ଧିଆଙ୍କ ପରିବାରକୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଛନ୍ତି । ଘଟଣାକୁ ନେଇ ସମ୍ପୃକ୍ତ ପରିବାର ଲୋକେ ଜିଲା ପ୍ରଶାସନ ଦୃଷ୍ଟିକୁ ମଧ୍ୟ ଆଣିଛନ୍ତି । ହେଲେ ବିଡ଼ମ୍ବନାର ବିଷୟ, ଏଭଳି ଏକ ଅଭାବନୀୟ ଘଟଣାକୁ ଆଉ ୫ଦିନ ପରେ ମାସେ ବିତିବ । କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅନ୍ୟପଟେ ମତଦାନ ପରେ ସାମାଜିକ ବାସନ୍ଦର ସମ୍ମୁଖୀନ ହୋଇଥିବା ଉଭୟ ପରିବାର ଲୋକେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣାର ସମାଧାନ ତଥା ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୋମବାର ଉଭୟ ପରିବାରର ବିକାଶ ଓ ସଞ୍ଜିବ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ସେମାନେ ଘଟଣା ଉପରେ କହିବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି । ସେ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ତ୍ରିପାଠୀ କହିଛନ୍ତି ।

ପ୍ରକାଶ ଯେ, ଗତ ଏପ୍ରିଲ ୧୮ତାରିଖରେ ବରଗଡ଼ ଜିଲାରେ ଭୋଟ୍ ଗ୍ରହଣ ଥିଲା । ରସାଲି ଗ୍ରାମର ଭୋଟରଙ୍କ ମତଦାନ ପାଇଁ ତରାକନାରେ ଭୋଟଗ୍ରହଣ କେନ୍ଦ୍ର ରହିଥିଲା । ମାତ୍ର ଏହି ଗ୍ରାମର ଲୋକେ ସେଠାକୁ ଭୋଟ୍ ଦେଇ ନ ଯିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଗ୍ରାମର ଅରକ୍ଷିତ ଓ ଶିବଙ୍କ ପରିବାର ଲୋକେ ତରାକନା ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଭୋଟ୍ ଦେଇଥିଲେ। ଏହା ସହିତ ଅନ୍ୟ ୨ପରିବାରର ଆଉ ୬ଜଣ ମଧ୍ୟ ସେଠାକୁ ଭୋଟ୍ ଦେବାକୁ ଯାଇଥିଲେ । ମାତ୍ର ସେମାନଙ୍କ ଉପରେ ଆକ୍ରୋଶ ମନୋଭାବ ରଖି କେବଳ ତାଙ୍କ ପରିବାର ଲୋକଙ୍କୁ ଗ୍ରାମରେ ନିଆଁ, ପାଣି ବନ୍ଦ କରି ସାମାଜିକ ବାସନ୍ଦ କରାଯାଇଥିବା ଅରକ୍ଷିତ ଓ ଶିବଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଜିଲା ପ୍ରଶାସନ ପାଖରେ ଏ ନେଇ ଅଭିଯୋଗ ହେବା ପରେ କିଛି ପ୍ରଶାସନିକ ଅଧିକାରୀ ଗ୍ରାମକୁ ପହଞ୍ଚି ସମାଧାନର ଉଦ୍ୟମ କରିଥିଲେ । ମାତ୍ର ଏଯାଏ ଏହି ଘଟଣାର ସମାଧାନ ହୋଇପାରି ନାହିଁ । ଏ ନେଇ ଜିଲାପାଳ ତ୍ରିପାଠୀ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ବିଡ଼ିଓ, ତହସିଲଦାର ଏବଂ ଥାନା ଆଇଆଇସିଙ୍କୁ ସେହି ଗାଁକୁ ପଠାଯାଇଥିଲା। ସେମାନେ ବୁଝାଶୁଝା କରିବା ପରେ ଘଟଣାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ସମାଧାନ ହୋଇନାହିଁ ବୋଲି ଜାଣି ନ ଥିଲି । ନିଶ୍ଚୟ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ମହାନଦୀରେ ବେଆଇନ ବ୍ଲାଷ୍ଟିଂ

# ଜୀବିକା ହରାଉଛନ୍ତି ଧୀବର

**ଅତାବିରା, ୧୩।୫ (ଡି.ଏନ.ଏ)**

ବରଗଡ ଓ ସମ୍ବଲପୁର ଜିଲା ସୀମାରେ ଥିବା ମହାନଦୀରୁ ଧୀବରମାନେ ମାଛ, ଚିଙ୍ଗୁଡି ମାରି ନିଜ ପରିବାର ଭରଣପୋଷଣ କରୁଛନ୍ତି । ମହାନଦୀରେ ପ୍ରତିଦିନ ବ୍ଲାଷ୍ଟିଂ କରି ମାଛ ମରାଯାଉଥିବାରୁ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡିଛି। କେତେକ ବ୍ୟକ୍ତି ବିଭିନ୍ନ କମ୍ପାନୀର କୀଟନାଶକ ମହାନଦୀରେ ପକାଇ ମାଛ, ଚିଙ୍ଗୁଡି ମାରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଯୋଗୁ ମାଛ, ଚିଙ୍ଗୁଡି ଲୋପ ପାଇବାକୁ ବସିଲାଣି। ମାଛ କିଲୋ ୮୦ ଟଙ୍କାରୁ ୧୦୦ ଟଙ୍କା ଥିବା ବେଳେ ଚିଙ୍ଗୁଡି କିଲୋ ୬ରୁ ୭ଶହ ଟଙ୍କା ବିକ୍ରି କରାଯାଉଛି। ବ୍ଲାଷ୍ଟିଂ କରି ମରାଯାଉଥିବା ମାଛକୁ ଲୋକେ ଖାଇ ରୋଗରେ ପଡୁଛନ୍ତି। ଏ ନେଇ ଝୁଞ୍ଚୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ବେଆଇନ ବ୍ଲାଷ୍ଟଇଂ ଉପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ବରଗଡ଼ ଅଫିସ୍,୧୩।୫**

ବରଗଡ଼ ଜିଲା ଖାଉଟୀ ଅଦାଲତ ଧାନ ବିହନ କିଣି ଚାଷୀ ଠକେଇର ସମ୍ମୁଖୀନ ହୋଇଥିବା ନେଇ ୨ଟି ପୃଥକ୍ ମାମଲାର ବିଚାର କରି ଖାଉଟି ଅଦାଲତ କ୍ଷତିଗ୍ରସ୍ତ ପଦ୍ମପୁରର ଦୁଇଜଣ ଚାଷୀ ରମଣୀ ରଞ୍ଜନ ବାରିକ ଓ ଶଶୀକାନ୍ତ ପାଢ଼ୀଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି । ଜିଲା ଖାଉଟି ଫୋରମ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ସଭ୍ୟ ଅଜନ୍ତା ଶୁଭଦର୍ଶନୀ ମାମଲାର ବିଚାର କରି ଉଭୟ ଚାଷୀଙ୍କୁ ୧ଲକ୍ଷ ୨୬ହଜାର ଟଙ୍କା ଓ ମକଦ୍ଦମା ପରିଚାଳନା ବାବଦ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ୍ ସୋସାଇଟିକୁ ନିର୍ଦ୍ଦେଶ ଦେଇଛନ୍ତି । ମାସକ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ ଅଧିକ ୬ପ୍ରତିଶତ ସୁଧ ହାରରେ କ୍ଷତିପୂରଣ ରାଶି ଆଦାୟ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ସୂଚନା ଅନୁସାରେ, ଉପରୋକ୍ତ ଦୁଇ ଚାଷୀ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ ସୋସାଇଟି ଜରିଆରେ ୧ଲକ୍ଷ ୨୬ହଜାର ଟଙ୍କା ଲେଖାଏଁ ମୂଲ୍ୟର ସ୍ୱର୍ଣ୍ଣା ଧାନ ବିହନ କ୍ରୟ କରିଥିଲେ । ବିହନ ବୁଣିବା ପରେ ସେଥିରୁ ଫସଲ ହେଲା ନାହିଁ । ଫଳରେ ଆର୍ଥିକ କ୍ଷତିପୂରଣ ନିମନ୍ତେ ଉଭୟ ଚାଷୀ ପଦ୍ମପୁର କୃଷି ଅଧିକାରୀ ଏବଂ ଉପଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ମାତ୍ର ଆର୍ଥିକ କ୍ଷତିପୂରଣ ପ୍ରଦାନ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସମ୍ପୃକ୍ତ ଚାଷୀମାନେ ବରଗଡ଼ ଜିଲାପାଳଙ୍କ ଅଫିସର ଅଭିଯୋଗ ପ୍ରକୋଷ୍ଠକୁ ମଧ୍ୟ ଫେରାଦ ହୋଇଥିଲେ । ତଥାପି ସୁଫଳ ମିଳି ନ ଥିଲା । ଉଭୟ ଚାଷୀ ବରଗଡ଼ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଖାଉଟି ଅଦାଲତରେ କେଶ ନଂ-୮/୨୦୧୭ ଏବଂ କେଶ ନଂ-୯/୨୦୧୭କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ଏଥିରେ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ ସୋସାଇଟି ସଭାପତି ଏବଂ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆଡ଼ଭୋକେଟ୍ ଦ୍ୟୁତିଶ କୁମାର ଆଚାର୍ଯ୍ୟ, ସୁଶୀଲ ମହାପାତ୍ର ଏହି ମାମଲା ପରିଚାଳନା କରିଥିଲେ । ଆଡ଼ଭୋକେଟ୍ ବିବେକାନନ୍ଦ ସାହୁ, ମନୋଜ କୁମାର ସାହୁ ଏବଂ ଦେବବ୍ରତ ଆଚାର୍ଯ୍ୟ ସହଯୋଗ କରିଥିଲେ ।

# ପ୍ରଦର୍ଶନୀ କ୍ରିକେଟ୍: ଶିକ୍ଷକ ଏକାଦଶ ବିଜୟୀ

**ପଦ୍ମପୁର, ୧୩।୫ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଦେଉଳୀ ଗ୍ରାମ ଖେଳ ପଡିଆଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶିକ୍ଷକ ଏକାଦଶ ବନାମ ଦେଉଳି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଏକାଦଶ ଟସ ଜିତି ଖେଳ ଆରମ୍ଭ କରିଥିଲା। ମ୍ୟାଚରେ ୭ ରନରେ ଦେଉଳି ଏକାଦଶ ପରାସ୍ତ ହୋଇଥିଲା। ଦୀପକ ସାହୁ ଓ ମୋହନ ଭୋଇ ଅମ୍ପାୟାରିଂ କରିଥିବା ବେଳେ କୁନାଲ ସିହ୍ନାର, ରୂପକ ସାହୁ ସ୍କୋରର ଥିଲେ। ଶିକ୍ଷକ ଏକାଦଶର ଶିଶିର ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ୍ ନାହିଁ, ବିଲ୍ ଆସୁଛି

**ଜାମଟିକ୍ରା, ୧୩।୫ (ଡି.ଏନ.ଏ)**

ଅତାବିରା ଏନଏସିର ୧ ନମ୍ବର ୱାର୍ଡରେ ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ବିପିଏଲ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ସେମାନଙ୍କ ଘରେ ମିଟର, ସୁଇଚ ବୋର୍ଡ ଲଗାଇ ତାର ମଧ୍ୟ ଟଣାଯାଇଛି। କିନ୍ତୁ ୨ ବର୍ଷ ବିତିବା ପରେ ମଧ୍ୟ ବିଦ୍ୟୁତ ସଂଯୋଗ ଦିଆଯାଇନି । କିନ୍ତୁ ପରିତାପର ବିଷୟ ବିନା ବିଦ୍ୟୁତ୍ ସଂଯୋଗରେ ଏହି ୱାର୍ଡର ଶିବ କୁମ୍ଭାରଙ୍କ ପାଖକୁ ମାସିକ ବିଲ୍ ୭୨୫ ଟଙ୍କା ଆସିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଏହି ୱାର୍ଡର ଗୋଲାପି ମହାନନ୍ଦ କହିଛନ୍ତି, ବିନା ବିଦ୍ୟୁତ ସଂଯୋଗରେ ମଧ ତାଙ୍କ ପାଖକୁ ୫ଶହ ଟଙ୍କାର ବିଲ୍ ଆସିଛି । ବିଦ୍ୟୁତ ବିଭାଗର ବିଚିତ୍ରି ନୀତି ଯୋଗୁ ଜନଅସନ୍ତୋଷ ବଢ଼ୁଛି । ଏ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଏସଡିଓ ବିଜୟ କୁମାର ବେହେରା କହିଛନ୍ତି ।

# ବିଶ୍ରାମାଗାର ନ ଥିବାରୁ, ଯାତ୍ରୀ ହନ୍ତସନ୍ତ

**ଅତାବିରା, ୧୩।୫ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଓ ଗୋଡଭଗା କ୍ୟାମ୍ପ ଛକ ଏକ ବ୍ୟବସାୟ ପେଣ୍ଠସ୍ଥଳ। ଏଠାରେ ପ୍ରତିଦିନ ଜନଗହଳି ହୋଇଥାଏ । ଏହି ଦୁଇଟି ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନେ କେଉଁ ଦୋକାନ ବାରଣ୍ଡାରେ ଟାଣ ଖରାରେ ଛିଡା ହୋଇ ଯାନବାହନ ଅପେକ୍ଷାରେ ରହୁଛନ୍ତି। ଦୀର୍ଘ ଦିନରୁ ଏହି ଦୁଇଟି ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଗୋଡଭଗା ନାଗରିକ କମିଟି ସଭାପତି ହାରାଧନ ବାରିକ ପ୍ରଶାସନ ନିକଟରେ ଦାବି କରିଥିଲେ । ହେଲେ ଏଯାଏ କୌଣସି ସୁଫଳ ମିଳିପାରିନାହିଁ। ଏଥିପ୍ରତି ଉଭୟ ଜିଲା ପ୍ରଶାସନ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବା ପାଇଁ ନାଗରିକ କମିଟି ଦାବି କରିଛି ।

# ମଣ୍ଡିରୁ ଉଠିଲା ଧାନ, ଟଳିନି ଅଭାବୀ ବିକ୍ରି ଆଶଙ୍କା

**ବରଗଡ଼ ଅଫିସ୍,୧୩।୫**



ବରଗଡ଼ ଜିଲା ଗୋଡ଼ଭଗା ମଣ୍ଡିରେ ସଂଗୃହୀତ ଧାନ ମିଲକୁ ନେବା ପାଇଁ ଉଠାଯାଉଛି ।

ବରଗଡ଼ ଜିଲାରେ ଖୋଲିଥିବା ମଣ୍ଡି ଗୁଡ଼ିକରୁ ସୋମବାରଠାରୁ ଧାନ ଉଠାଣ କାର୍ଯ୍ୟ ଆରମ୍ଭ ହୋଇଛି । ଧାନ ଉଠାଣ ଆରମ୍ଭ ହେବା ପରେ ଚାଷୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି । ମାତ୍ର ଧାନ ଉଠାଣରେ ଶୀଥିଳତା ପରିଲକ୍ଷିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମଣ୍ଡିରେ ପଡ଼ିଥିବା ଧାନକୁ ଯୁଦ୍ଧକାଳୀନ ଭିତ୍ତିରେ ଉଠା ନ ଗଲେ ଆଗକୁ ବହୁ ପରିମାଣରେ କ୍ଷତିର ସମ୍ମୁଖୀନ ହେବେ ବୋଲି ଚାଷୀମାନେ କହିଛନ୍ତି । ଏହି କ୍ରମରେ ସୋମବାର ଚାଷୀ ପ୍ରତିନିଧି ପଞ୍ଚାନନ ଦଳପତି, ରବୀନ୍ଦ୍ର ବିଶି ପ୍ରମୁଖ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି । ଜିଲାପାଳ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଧାନ ଉଠାଣ କାର୍ଯ୍ୟ ଜାରି ହୋଇଛି ।

ଅତାବିରା ଆରଏମସିର ଗୋଡ଼ଭଗା, ଅତାବିରା, ଲରମ୍ବା ସମେତ ବିଭିନ୍ନ ମଣ୍ଡିରେ ସଂଗୃହୀତ ଧାନକୁ ମିଲର୍ସମାନେ ଉଠାଉଛନ୍ତି । ସେହିପରି ବରଗଡ଼ ଆରଏମସି ଅଧୀନ କଲାପାଣି, ତାଲଶ୍ରୀଗିଡ଼ା ସମେତ ବିଭିନ୍ନ ମଣ୍ଡିରୁ ମଧ୍ୟ ଧାନ ଉଠାଣ ଚାଲିଥିବା ଆରଏମସି ସୁପରଭାଇଜର ବିଜୟ ରାଉତ୍ ସୂଚନା ଦେଇଛନ୍ତି । ତେବେ ମଣ୍ଡିରେ ଧାନ ଉଠାଣ ଆରମ୍ଭ ହୋଇଥିଲେ ହେଁ ଏବେ ମଧ୍ୟ ଜିଲାର ବିଭିନ୍ନ ରାଇସ ମିଲ ଗୁଡ଼ିକରେ ଅଣ୍ଡରରେଟ୍‌ରେ କିଣାଯାଇଥିବା ବହୁ ପରିମାଣର ଧାନ ଗଚ୍ଛିତ ରହିଛି । ମିଲର୍ସମାନେ ସରକାରୀ ସହାୟକ ମୂଲ୍ୟଠାରୁ ପ୍ରାୟ ୩୦୦ ଟଙ୍କା କମ୍‌ରେ ଧାନ କିଣୁଛନ୍ତି । ଫଳରେ କେବଳ ଲୋକ ଦେଖାଣିଆ ଗୋଟିଏ ରାଇସ୍ ମିଲରେ ଯାଞ୍ଚ ନ କରି ପ୍ରତ୍ୟେକ ରାଇସ ମିଲରେ ଅତର୍କିତ ଚଢ଼ାଉ କରି ଯାଞ୍ଚ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସମ୍ପାଦକ କିଶୋର ଦେବତା କହିଛନ୍ତି ।

■ ଦିନୁଦିନ୍‌କେ ଭୁଗା, ଟୁପାର ଆଦର ଭାଉ କମୁଛେ

# ସଁକଟରେ ବାଉଁଶ କାରିଗର

**ବରପାଲି, ୧୩।୫ (ଡି.ଏନ.ଏ):**

ସମିଆ ବଦିଲବାର ସଂଗେ ଆମର ସମାଜରେ ଅନେକ ପରିବରତନ୍ ଦେଖିବାକେ ମିଳୁଛେ । ଆଏଜ୍‌କେ ୨୦ରୁ ୩୦ ବଛର ତଲେ ଲୋକ୍ କଁସା, ପିତଲ, ରୂପାର ବାସନ ବରତନ ବେଭାର କରୁଥିଲେ। ସେନ୍‌ତା ରଁଧାବଢ଼ାର ଲାଗି ମାଟି ହାଁଡ଼ି, ପାତ୍‌ଲିର ବଡ଼ଭାରି ବେଭାର ହେଉଥିଲା । ଲୋକ୍ ଚାଷ୍‌ବାସ୍, ବିହାବରପନ୍, ପୂଜାପାରବନରେ ବାଉଁଶ ତିଆରି ଭୁଗା, ଟୁପା, ଚଂଘରା, ଡ଼ଲା, ଲୁଦର, ଢୁଲଂଗିର ବଡ଼ଭାରି ବେଭାର କରୁଥିଲେ। ହେଲେ ଆଏଜକାଲି ଇ ପୁରନା ଜିନିଷପାତିର ସେ ଆଘର ଆଦର ନାଁଇଁନ। ଇ ସବୁ ଜିନିଷପାତି ତିଆର ଲାଗି ଆମର ସମାଜରେ ଅନେକ ଜାତି ଅଛନ୍। ହେଲେ ସରକାରୀ ପୋରଛାହନ୍ ଅଭାବୁ ଅନେକ ଜାତି ନିଜର କୁଲବେଉସା ଛାଡ଼ି ଉନିଆ କାମ୍‌ଧଁଦା କରିବସଲେନ। ଏନ୍‌ତା ସଁକଟର ସାମନା କରୁଛନ୍ ପାତିକାର ସମାଜର ବାଉଁଶ କାରିଗରମାନେ। ପ୍ଲାଷ୍ଟିକ୍ ଜିନିଷପାତିର ବଡ଼ଭାରି ବେଭାର ଲାଗି ଲୋକ୍ ବାଉଁଶ ସାମାନକେ ଆଦର ନାଇଁକରବାର । ସଭେ ସସ୍‌ତା, ସୁଁଦର, ମଜବୁତ ଖୁଜୁଛନ୍, ଯେନ୍‌ଥିରଲାଗି ପ୍ଲାଷ୍ଟିକ୍ ଜିନିଷପାତି ଲୁକ୍‌କୁ ସୁହଉଛେ। ବିହାବରପନ, ପୂଜାପାଠକେ ଛାଡ଼ିଦେଲେ ଲୋକ୍ ବାଉଁଶ ସାମାନକେ ଗୁଚିରବାର ନାଇଁ। କାଁ ଭାଁ ଗାଁଗଁଲିରେ ଲୋକ୍ ଇ ବାଉଁଶ ତିଆରି ଭୁଗାଟୁପା, ଲୁଦର, ଢୁଲଂଗି ବେଭାର କରୁଛନ୍। ଯେନ୍‌ଥିରଲାଗି ଦିନୁଦିନ୍‌କେ ବାଉଁଶ କାରିଗରି ଲୋପ୍ ପାଏବାକେ ବସଲାନ। ଇଆଡ଼େ ଜଂଗଲ ଆଇନ୍ କଡ଼ାକଡ଼ି ହେବାର ଲାଗି କାରିଗରମାନେ ସୁବିଧାରେ ବାଉଁଶ ନାଇଁପାଏବାର। ଯେନ୍‌ତା ଇ ଗାରିଗରୀ ବୁଡ଼ବାର ଆରଗୁଟେ ବଡ଼ କାରନ୍। ଏନ୍‌ତା ଦୁଇଛକିରେ ପଡ଼ିଛନ୍ ବରଗଡ଼ ଜିଲା ବରପାଲି ବ୍ଲକ ଲେଣ୍ଡା ପଁଚେଟ୍‌ର ଅଇଁଠାପାଲିରେ ବାସକରୁଥିବାର ପାତିକାର ସମାଜର ୩୫ ପରିବାରର କାରିଗରମାନେ। ବାଉଁଶ ସାମାନ୍‌ର ଆଦର କମି କମି ଗଲାବେଲେ କଁଚାମାଲର ବଡ଼ଭାରି ଅଭାବ କାରିଗରମାନକୁ ଦୁଇଛକିରେ ପକେଇ ଦେଉଛେ। ବାପ ଅଜା ଅମଲୁ ଇ ସମାଜର ଲୋକ୍ ବାଉଁଶ କାରିଗରିକେ ନିଜର କୁଲବୃରତି ହିସାବେ ନେଇ ଚଲିଆସିଛନ୍। ବାଉଁଶରୁ ଭିନେ ଭିନେ ସାମାନ ତିଆରି ଆସର ପାସର ହାଟ ହଟଲିରେ ବିକାଭଂଗା କରି ନିଜର କୁଟୁମ ପୁଷୁଥିବାର କହିଛନ୍ କାରିଗର ଅର୍ଜୁନ ଭୋଇ, ରକ୍ଷାକାରୀ ବାଗ, କୁବେର ଭୋଇ ଆର କୁନୁ ବେହେରା । ସେମାନେ ଅଭାବ ଅସବିଧାରେ ଚାଷୀକରନୁ ବାଉଁଶ ଘିନି ଭିନେ ଭିନେ ସାମାନ ତିଆରୁଛନ୍। ସେଟାକେ ପାସର ସାପ୍‌ତାହିକ ବଜାରରେ ବିକାଭଂଗା କରୁଛନ୍। ବରପାଲି ଅଂଚଲରେ ଏହେଦେ ବାଉଁଶ ତିଆରି ଫୁଲଡାଟିର ବଡ଼ଭାରି ଚାହିଦା ରହିଛେ। ହେଲେ ଆଏକାଲି ଇ କାରିଗରମାନେ କାମ୍ ହିସାବେ ଦାମ୍ ନାଇଁ ପାଉଥିବାର କହିଛନ୍। ଯେନ୍‌ଥିରଲାଗି ଇ ବୃରତିରେ ମୁଠେ ଖାଇ ଡାଁଡ଼େ ବଁଚ୍‌ବାର ହେଉଛେ ବଲି କାରିଗର ଅର୍ଜୁନ ଭୋଇ କହିଛନ୍। ସରକାର ବାଉଁଶ କାରିଗରୀକେ କୁଟୀର ଶିଳ୍ପର ମାଏନ୍‌ତା ଦେଇ କାରିଗରମାନକୁ ପୋରଛାହନ ଯୁଗେଇଦେବାର କଥା। କାରିଗରମାନେ ପୋରଛାହନ୍ ପାଏଲେ କାରିଗରୀ ବଁଚ୍‌ବାର ସଂଗେ କାରିଗର ପରିବାରମାନକର ବୃରତି ବି ବଁଚି ରହେତା ବଲି କାରିଗର କୁବେର ଭୋଇ, ବଚ ସାହୁ, ରେଣୁକା ନାଏକ, ରକ୍ଷାକାରୀ ବାଗ ମତ ଦେଇଛନ୍।



କୁଲା ତିଆରିବାର ଲାଗି ଝନେ କାରିଗର ପାତିଆ କାଟୁଛନ୍।

# ଶିକ୍ଷକ ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀଙ୍କ ଗୁହାରି

**ବରଗଡ଼ ଅଫିସ୍,୧୩।୫**



ଜିଲା ଆପତକାଳୀନ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ନିର୍ବାଚନ କାର୍ଯ୍ୟରେ ଯାଇଥିବାବେଳେ ଗତ ଏପ୍ରିଲ ୧୬ତାରିଖରୁ ଗୁରୁତର ଅସୁସ୍ଥ ଅବସ୍ଥାରେ ଶଯ୍ୟାଶାୟୀ ଥିଲେ ଶିକ୍ଷକ ହେମସାଗର ଭୁଏ । ହେମସାଗରଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସୋମବାର ତାଙ୍କ ସ୍ତ୍ରୀ ବେଲ କୁମାରୀ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆପାତକାଳୀନ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ରାକେଶ କୁମାର ନାୟକ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ହେମସାଗର ଅତାବିରା ବ୍ଲକ ଆମଝର ପ୍ରାଥମିକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି । ସାଧାରଣ ନିର୍ବାଚନ କାର୍ଯ୍ୟ ସମ୍ପାଦନ ପାଇଁ ସେ ଗତ ଏପ୍ରିଲ ୧୬ ତାରିଖରେ ସିକିର୍ଡ଼ି ପ୍ରାଥମିକ ସ୍କୁଲକୁ ଯାଇଥିଲେ। ଟାଣଖରା ଯୋଗୁ ସେହିଦିନ ସନ୍ଧ୍ୟା ୫ଟାରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏହାପରେ ତାଙ୍କୁ ବରପାଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ମଧ୍ୟ ହେମସାଗର କୋମା ଅବସ୍ଥାରେ ଘରେ ଶଯ୍ୟାଶାୟୀ ଥିବା ବେଲ କୁମାରୀ କହିଛନ୍ତି। ସ୍ୱାମୀଙ୍କ ଚିକିତ୍ସା ପାଇଁ ମାତ୍ରାଧିକ ଖର୍ଚ୍ଚ ହେଉଥିବା ଯୋଗୁ ତାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସେ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।

- ମହର୍ଷି ପରାଶର



## ସଂକ୍ଷେପରେ

### ମା' ପେଣ୍ଡ୍ରାଣିଙ୍କ ପଞ୍ଚବାର୍ଷିକ ମଣ୍ଡିଯାତ୍ରା ଉଦ୍‌ଯାପିତ

କୋକସରା,୧୩ା୫ (ଡି.ଏନ.ଏ.)- କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ମାଳପଡ଼ାଠାରେ ଥିବା ପ୍ରତ୍ୟକ୍ଷ ଦେବି ମା' ପେଣ୍ଡ୍ରାଣିଙ୍କ ପଞ୍ଚବାର୍ଷିକ ମଣ୍ଡେଇ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ କଳାହାଣ୍ଡି ଜିଲା ସମେତ ନବରଙ୍ଗପୁର ଓ ଛତିଶଗଡ଼ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁମାନେ ନିଜ ମାନସିକ ପୂରଣ ପାଇଁ ବୋଦା, କୁକୁଡ଼ା ବଳି ଦେଇଥାନ୍ତି । ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ମଣ୍ଡେଇ ଯାତ୍ରା ପାଇଁ ମାଳପଡ଼ା ଗାଁ ଚଳଚଞ୍ଚଳ ହୋଇଉଠିଥାଏ। ଏଠାରେ ଥିବା ମା' ପେଣ୍ଡ୍ରାଣିଙ୍କ ମନ୍ଦିର ପୂଜାରୀ ପ୍ରଥା ଅନୁସାରେ ମା'ଙ୍କ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଆଖପାଖ ଗାଁରୁ ମଧ୍ୟ ଅନେକ ଦେବଦେବିମାନଙ୍କ ଲାଠି, କୁର୍ଚ୍ଚି ସହ ଦେବଦେବି ବେଶରେ ପାରମ୍ପରିକ ବେଶଭୁଷାରେ ସଜେଇ ହୋଇ ଗ୍ରାମ ପରିକ୍ରମା କରିଥାନ୍ତି। ସୋମବାର ମା'ଙ୍କ ପୀଠରେ ବଳି ଭୋଗର ପରମ୍ପରା ରହିଥିବାବେଳେ ଶତାଧିକ ପଶୁପକ୍ଷୀଙ୍କ ରକ୍ତରେ ଦେବିଙ୍କ ପୀଠ ରକ୍ତରଞ୍ଜିତ ହୋଇଥିଲା। ପୂଜା କମିଟି ସଭାପତି ଧନବଳ ବାଣୁଆ, ସମ୍ପାଦକ ଥବିର ପୟସାଦ ବାଣୁଆ, କୋଷାଧ୍ୟକ୍ଷ ଗରୁଡ଼ଧ୍ୱଜ ମାଝି, ଉପସଭାପତି ଭଗବାନ ଧଙ୍ଗଡ଼ାମାଝି, ମୁଖ୍ୟ ପୂଜକ ପବିତ୍ର ଧଙ୍ଗଡ଼ାମାଝି, ଶିରା କେଶରୀ ଧଙ୍ଗଡ଼ାମାଝି ପ୍ରମୁଖ ପୂଜା ଦାୟିତ୍ୱ ତୁଲାଇଥିଲେ। ଏହି ମଣ୍ଡି ପର୍ବରେ ମାଳପଡ଼ା, ଦର୍ଲିପଡ଼ା, ଘଣ୍ଟିଗୁଡ଼ା, ତେନ୍ତୁଳିପଡ଼ା ଗ୍ରାମର ଶତାଧିକ ବ୍ୟକ୍ତି ସହଯୋଗ କରିଥିଲେ ।

# ପଦ୍ମପୁର ଗାଁରେ ଝଡ଼ତୋଫାନର ତାଣ୍ଡବଲୀଳା

ନୂଆପଡ଼ା ଅଫିସ,୧୩ା୫



ପଦ୍ମପୁର ଗାଁର ପ୍ରଭାବିତ ପରିବାର ଲୋକ ।



ପଦ୍ମପୁର ଗାଁରେ ଝଡରେ ଭାଙ୍ଗି ପଡିଥିବା ବିଜୁଳି ଖୁଣ୍ଟ ।

ରାଜ୍ୟରେ ସାମୁଦ୍ରିକ ଝଡ ଫନୀର ତାଣ୍ଡବ ଲୀଳା ରାଜ୍ୟବାସୀଙ୍କୁ ଥରାଇଦେଇଥିବାବେଳେ ରାଜ୍ୟର ବିଭିନ୍ନ ଜାଗାରେ ଏବେବି ଝଡ ତୋଫାନ ହେଲେ ଲୋକେ ଭୟରେ ଥରି ଉଠୁଛନ୍ତି । ରବିବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବିଭିନ୍ନ ଅଞ୍ଚଳରେ ପ୍ରବଳ ଝଡତୋଫାନ ଲୋକଙ୍କ ଅବସ୍ଥାକୁ ଦୋହଲାଇ ଦେଇଛି । ବିଶେଷ କରି ଏଠିକାର ଭୋଜପୁର ଗ୍ରାମପଞ୍ଚାୟତ ଅଞ୍ଚଳ ପଦ୍ମପୁର ଗାଁରେ ବିଭୀଷିକା ଲୋକଙ୍କ ନିଦ ହଜାଇ ଦେଇଛି । ଏହି ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି । ଯଦିବା ରାଜ୍ୟ ସରକାରଙ୍କ ଆଲର୍ଟ ଯୋଗୁ ଲୋକେ ସତର୍କ ହୋଇ ରହିଥିଲେ । ଦିନ ତମାମ ଜିଲାରେ ମେଘୁଆ ପାଗ ରହିଥିବାବେଳେ ଝଡଦେଖାଯାଇଥିଲା । ଖଡିଆଳ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨ କି.ମି. ଦୂର ପଦ୍ମପୁର ଗାଁର ଚିତ୍ର କିନ୍ତୁ ଭିନ୍ନ ଥିଲା । ଗାଁରେ ମାତ୍ର ୫/୧୦ ମିନିଟ ମଧ୍ୟରେ ଝଡତୋଫାନ ସବୁ ବିଗାଡି ଦେଇଥିଲା। ପ୍ରବଳ ବେଗରେ ଆସିଥିବା ଝଡରେ ଗାଁ ତଥା ନିକଟସ୍ଥ ସମସ୍ତ ବିଦ୍ୟୁତ୍ ଖୁଣ୍ଟ ଉପୁଡିପଡିଥିବାବେଳେ ବଡ ବଡ ଗଛ ଚେର ସହ ଉପୁଡିପଡିଛି। ଗାଁର ଯୋଗେନ୍ଦର ପାଣ୍ଡେ, ପୁରୁଷୋତମ ବାଗ, ଶଙ୍କର ତାଣ୍ଡି, ରମେଶ ପାଣ୍ଡେ, ବିନୋଦ ବାଗ, ତହସିଲ ପଟେଲ, ମାଲା ପାଣ୍ଡେ, କିଶୋର ପାଣ୍ଡେ, ମହେଶ ପାଣ୍ଡେଙ୍କ ଘର ଭାଙ୍ଗି ପଡିଥିବ ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ । ଗାଁର ଶତାଧିକ ପୁରୁଣା ଗଛଭାଙ୍ଗି ପଡିଥିବାବେଳେ ବ୍ୟାପକ ପନିପରିବା ଚାଷ ନଷ୍ଟ ହୋଇଛି। ରାତିରେ ଝଡତୋଫାନ ତାଣ୍ଡବ ଖେଳାଇ ଚାଲିଯିବା ପରେ ସକାଳେ ଗାଁ ଶୂନଶାନ ହୋଇପଡିଛି । ଦିନତମାମ ଗାଁ ଲୋକେ ବେସହାରା ହୋଇପଡିଥିଲେ ହେଁ କୌଣସି ଅଧିକାରୀ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**ଖଡ଼ିଆଳ ବ୍ଲକ**

- ବିଦ୍ୟୁତ୍ ଖୁଣ୍ଟ ଉପୁଡିପଡିଛି, ପନିପରିବା ଚାଷ ନଷ୍ଟ
- ଲୋକଙ୍କୁ ଘାରୁଛି ଫନୀ ଭୟ
- ପ୍ରଶାସନ ପାଖରେ ଟାରପୋଲିନ ନାହିଁ

ସୂଚନାଯୋଗ୍ୟ ଯେ, ଜିଲାରେ କେବଳ ନାଁକୁ ମାତ୍ର ବିପର୍ଯ୍ୟୟ ପ୍ରସମନ ବୈଠକ କରି ଦାୟିତ୍ୱ ସାରିଦେଇଛନ୍ତି । ରାଜ୍ୟବାସୀଙ୍କ ଫନୀ ଉପରେ ନଜର ରହିଥିବାବେଳେ ଏବେ ରାଜ୍ୟର ଯେ କୌଣସି ଜାଗାରେ ଏଭଳି ତାଣ୍ଡବ ଘଟିପାରେ ତାକୁ ଏଡାଇ ଦିଆଯାଇ ନ ପାରେ । ସୋମବାର ମଧ୍ୟ ଖଡିଆଳ, କୋମନା ବ୍ଲକ ଅନଚଳରେ ଏଭଳି ପବନର ବେଗ ତୀବ୍ର ରହିଥିବା ଦେଖାଯାଇଛି । ୨୪ ଘଣ୍ଟା ହେଲା ଖଡିଆଳ ଅଞ୍ଚଳରେ ବିଜୁଳୀ ସେବା ବ୍ୟାହତ ହୋଇଛି । ଏହା ଉପରେ ଖଡିଆଳ ତହସିଲଦାର ଭୂମିସୂତା ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଖବର ପାଇ ରାଜସ୍ୱ ବିଭାଗ କର୍ମଚାରୀ ଗାଁକୁ ପଠାଯାଇଥିବା କହିଛନ୍ତି । ଗ୍ରାମବାସୀଙ୍କୁ ଟାରେପାଲିନ ଆଦି ସହାୟତା କଥା ପଚାରିବାରୁ ଏଠିକାର ଷ୍ଟକ ଥିବା ଟାରପୋଲିନ ସବୁ ଫନୀ ପାଇଁ ପୂର୍ବ ଓଡିଶାକୁ ପଠାଯାଇଥିବା କହିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଯେ କେତେ ବେଳେ କେଉଁଠି ହୋଇପାରେ ତାକୁ ଏଡାଇ ଦିଆଯାଇ ନ ପାରେ । ତେଣୁ କରି ଜିଲା ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ହେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ପଦ୍ମପୁର ଭଳି ଗାଁରସ୍ଥିତି ଉପରେ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି । ଖବର ନେବାରୁ ଆଖପାଖ ଗାଁରେ ଏଭଳି କିଛି ହୋଇ ନ ଥିବାବେଳେ ଏଠାରେ କାହିଁକି ଏଭଳି ଅକାଳ ପଡିଛି । ଏହାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ହୋଇପଡିଥିବାବେଳେ କେହି କେହି ଏହା କେଉଁ ଶକ୍ତିର ପ୍ରକୋପ ବୋଲି ଆଲୋଚନା କରୁଛନ୍ତି ।

### ପାଣି ପାଇଁ କେନ୍ଦୁପଡାବାସୀ ଡହଳବିକଳ

ଭବାନୀପାଟଣା,୧୩ା୫(ଡି.ଏନ.ଏ.)

ଗ୍ରୀଷ୍ମ ଦିନେ ପାନୀୟ ଜଳର ଅଭାବ ଯୋଗୁ ଝାଡାବାନ୍ତିର ପ୍ରକୋପ ପାଇଁ ଏହି ଅଞ୍ଚଳ ପୂର୍ବରୁ ଚର୍ଚ୍ଚାରେ ରହିଆସିଛି। ବଣଜଙ୍ଗଲ ଘେରା ଜନବସତିକୁ ଯୋଗାଯୋଗାର ସେପରି ସୁବିଧା ମଧ ନାହିଁ । ଏହି ଅଞ୍ଚଳରେ ଲୋକେ କୌଣସି ରୋଗ ବ୍ୟାଧିରେ ପଡିଲେ ଡାକ୍ତରଖାନା ସୁବିଧା ଏମାନଙ୍କୁ ପାଇଁ ସହଜ ନୁହେଁ । ବିଶୁଦ୍ଧ ପାନୀୟ ଜଳର ଅଭାବ ଓ ଆମ୍ବ ଟାକୁଆ, ଜଙ୍ଗଲି କନ୍ଦା ଭଳି ଅଖାଦ୍ୟ ଯୋଗୁ ଲୋକେ ନାନା ରୋଗରେ ପଡିଥାନ୍ତି । ପାନୀୟ ଜଳ କହିଲେ ଲୋକେ କେବଳ ନିକଟସ୍ଥ ପାହାଡ ତଳରେ ଥିବା ଝର ପାଣିକୁ ନିର୍ଭର କରନ୍ତି । ଏମିତି ହେଉଛି ଏକ ଗାଁ ବିରିକୋଟ ପଞ୍ଚାୟତର କେନ୍ଦୁପଡା। ୪୨ ପରିବାରର ପ୍ରାୟ ୨୫୦ରୁ ଅଧିକ ଲୋକ ଏଠାରେ ବାସ କରିନ୍ତି। ମାତ୍ର ଏହି ଗାଁ ପାଇଁ ରହିଛି ଏକମାତ୍ର ନଳକୂପ। ଗ୍ରୀଷ୍ମ ପ୍ରଭାବରୁ ନଳକୂଅ ପାଣି ନିମ୍ନଗାମୀ ହେଉଥିବାରୁ ଗାଁବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହେଉଛି। ନିର୍ବାଚନ ସମୟରେ ଅନେକ ନେତା, ମନ୍ତ୍ରୀ ଏହି ଅଞ୍ଚଳକୁ ଆସି ଜଳ ସଙ୍କଟ ସମାଧାନ ପାଇଁ ନାନା ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ସରିଲେ କିଏ ପଚାରନ୍ତି ନାହିଁ । ଏ ନେଇ ପଞ୍ଚାୟତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିବାରୁ ତୁରନ୍ତ ଏହି ସମସ୍ୟା ସମାଧାନ କରିବା ପାଇଁ ଯୋଜନା ଚାଲିଛି ବୋଲି କହିଥିଲେ। ତୁରନ୍ତ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ସହିତ ଯୋଗାଯୋଗ କରାଯାଇ କେନ୍ଦୁପଡାର ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ।

### ଚିକିସ୍ସା ଲାଗି ହାତ୍ ବଢ଼ାଲା ପରଶାସନ

# କ୍ଷୀରସିନ୍ଧୁଙ୍କର ଘରେ ପୁହୁଁଚିଲା ଡାକତରିଦଲ

କୋକସରା/ବେହେରା, ୧୩ା୫ (ଡି.ଏନ୍.ଏ)



କ୍ଷୀରସିନ୍ଧୁଙ୍କର ଘରେ ଡାକ୍‌ତରିଦଲ।

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଗାଁର କ୍ଷୀରସିନ୍ଧୁ ଦୁର୍ଗା(୫୩) ଗଲା ବଛରେ ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଅଛନ୍। ଟଁକା ପଏସା ଅଭାବୁ ଚିକିସ୍ତିତ ନାଇଁ ହେଇ ଭଗବାନ ଭରସାରେ ଘରେ ପଡ଼ିରହିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଗଲା ରଏବାର ୧୨ ତାରିଖ'କିଡ୍‌ନୀ ରୋଗ୍‌ରେ ପୀଡ଼ିତ କ୍ଷୀରସିନ୍ଧୁ'ଶୀରଷକ୍‌ରେ ଖବର ବାହାରିଥିଲା । ଖବର ବାହାରଲା ଉତାରୁ କଳାହାଣ୍ଡି ଜିଲା ମୁଖିଆ ଚିକିସ୍ୱାଧିକାରୀ ଡା.ବନଲତା ଦେବୀଙ୍କର ନିରଦେଶରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଡା.ତତ୍ୱଦର୍ଷି ଦାସଙ୍କର ମଂଗୁଆଲତିରେ ପି.ଏଚ.ଇ.ଓ ଚିଦାନନ୍ଦ ପଣ୍ଡା, ବି.ପି.ଏମ. ଏମ ରାଜ ଶେଖର, ସ୍ୱାଷ୍ଟ୍ୟ ନିରୀକ୍ଷକ ଶଙ୍କରାଜିତ ନାଏକ କ୍ଷୀରସିନ୍ଧୁଙ୍କର ଘରେ ପୁହୁଁଚିଥିଲେ। ସେଠାନେ କ୍ଷୀରସିନ୍ଧୁଙ୍କର ପରୀକ୍ଷା ନିରୀକ୍ଷା କରବାର ସଂଗେ ତାହାକୁ ଜିଲା ମୁଖିଆ ଡାକ୍‌ତରଖାନାକେ ନେଇ ଚିକିସ୍ୱା ଆରମ୍ କରାଯାଇଛେ। ପରୀକ୍ଷା ନିରୀକ୍ଷାର ରିପୋର୍ଟ ଆଏଲା ଉତାରୁ ତାହାକୁ ଡାଇଲିସିସ୍ ଆର ଉଚ ଚିକିସ୍ୱା ଲାଗି ବୁର୍ଲା ବଡ଼ ଡାକ୍‌ତରଖାନାକେ ପଠାଯିବାର ବେବସ୍ତା କରାଯାଇଥିବାର ଜନାଯାଇଛେ।

ପୂରବର ସୂଚନା ହିସାବେ ତାକର ପରିବାର କହେଲେ ଗୁଟେ ବଲି ଝିଁ' ଯାଜ୍ଞସେନୀ, ମାଏକିନା ଅନେକ ଦିନୁ ଆରପାରକେ ଚାଲିଯାଇଛନ୍। କ୍ଷୀରସିନ୍ଧୁ ନିହାତି ଗରିବ ହେଇଥିଲାବେଲେ ଯାହା ଟିକେରଁଚେ ସଁଚିଥିଲେ ଚିକିସ୍ୱାରେ ଖରଚ କରି ନିରାଶ ହେଇ ଘରେ ପଡ଼ିରହିଥିଲେ। ଇଆଡ଼େ ଅଭାବ ଅନାଟନ ଆର ଘରର ପରିସ୍ଥିତି ଲାଗି ଯାଜ୍ଞସେନୀ ପାଠ୍‌ପଢ଼ା ଛାଡ଼ି ବାପର ସେବା ଯତନ କରୁଥିଲେ। ଶେଷେ ସେ ବି ଉପେ ଶୂଇନ୍ ହେଇ ଗଣମାଧ୍ୟମର ସାହାଯ୍ ନେଇଥିଲେ। ଆର ଶେଷେ ଇ ଅସାହା ପରିବାର ଉପରେ ଧରିତ୍ରୀରେ ଖବର ବାହାରିଥିଲା। ଖବର ବାହାରଲାରୁ ବ୍ଲକ ପରଶାସନ ଆର ସୁଆସ୍‌ତିଅ ବିଭାଗ ଇ ଗରିବ୍ ପରିବାରକେ ସାହାଯ୍‌ର ହାତ୍ ବଢ଼େଇଛନ୍। ଇଆଡ଼େ କ୍ଷୀରସିନ୍ଧୁଙ୍କର ଝିଁ' ଯାଜ୍ଞସେନୀର ନାଁ ଯୁକ୍ତ ତିନ୍‌ରେ ଲେଖାବାର ସଂଗେ ତାକର ପାଠପଢ଼ାର ସବୁ ଖରଚ୍ କୋକସରା ଗାଁର ସାମାଜିକ କରମୀ ଜିତେନ୍ଦ୍ର କୁମାର ପ୍ରଧାନୀ ତୁଲାବାର କଥା ଦେଇଛନ୍। ଇ ମହତ୍ କାଯ୍ ଲାଗି ପରଶାସନ ଆର ଧରିତ୍ରୀକେ ଖୁଣ୍ଟିଆ ଗାଁବାସୀ ଧଏନ୍‌ବାଦ ଦେଇଛନ୍।

### ବର୍ଷେ ହେଲା ନିର୍ମାଣ ସରିଲା ତେଲନଦୀ ପୋଲ

# ସଂଯୋଗ ରାସ୍ତା ପାଇଁ ଅଧୁରା ରହିଛି ସ୍ୱପ୍ନ

କନ୍ଧମାଳ,୧୩ା୫ (ଡି.ଏନ.ଏ.)



ତେଲନଦୀରେ ନିର୍ମିତ ପୋଲ ।

ବୌଦ୍ଧ ଜିଲା କନ୍ଧମାଳର ତେଲନଦୀରେ ପୋଲ ନିର୍ମାଣ ବର୍ଷେ ହେବ ସରିଛି। ତେବେ ଏହି ପୋଲର ସଂଯୋଗ ରାସ୍ତା ନିର୍ମାଣରେ ଅବହେଳା ପାଇଁ ଅଞ୍ଚଳବାସୀଙ୍କ ସ୍ୱପ୍ନ ଅଧୁରା ରହିଛି। ଜମି ଅଧିଗ୍ରହଣରେ ସମସ୍ୟା ପାଇଁ ଏହା ଲୋକଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ୨୦୧୨ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଏହା ପ୍ରାୟ ବର୍ଷେ ହେବ ପିଲାର ଓ ଛାତ କାମ ସରିଯାଇଛି। ବର୍ତ୍ତମାନ ସଂଯୋଗ ରାସ୍ତା ପାଇଁ ଉଭୟପାର୍ଶ୍ୱର ଜମି ଅଧିଗ୍ରହଣ ସମସ୍ୟା ମୁଖ୍ୟ ବାଧକ ସାଜିଛି । ତରଭା ତହସିଲ୍‌ର ୨୫୦୦ ମିଟର ଏବଂ କନ୍ଧମାଳ ତହସିଲର ୨୩୦୦ ମିଟର ଜମି ଅଧିଗ୍ରହଣ ରେ ସମସ୍ୟା ଦେଖାଦେଇଛି । ଏହାକୁ ସମାଧାନ ଦିଗରେ କନ୍ଧମାଳର ନାଗରିକ କମିଟି ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏ ନେଇ କନ୍ଧମାଳ ଓକିଲ ସଂଘର ସଭାପତି ଦୃତିଆଚରଣ ସାହୁ କହିଛନ୍ତି, ଶାସନକଳର ଅପାରଗତା ଓ ପ୍ରଶାସନିକ ଶିଥିଳତା ପାଇଁ ପୋଲ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆପ୍ରୋଚ୍ ରୋଡ କାମ ହୋଇ ନଥି ବାରୁ ଏହା କାମରେ ଲାଗି ପାରିନାହିଁ। ବାରମ୍ବାର ପ୍ରଶାସନକୁ ଏ ନେଇ ଅବଗତ କରାଯାଇଛି। ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ବିପଦସଙ୍କୁଳ ଅବସ୍ଥାରେ ପ୍ରତ୍ୟହ ହଜାର ହଜାର ମହିଳା ପୁରୁଷ ଫେରିଘାଟରେ ଡଙ୍ଗା ଯୋଗେ ପାର ହେଉଥିବା ଦେଖବାକୁ ମିଳୁଛି। ସଂଯୋଗ ରାସ୍ତା ନିର୍ମାଣ ହୋଇ ଏହି ପୋଲରେ ଯାତାୟାତ ହେଲେ କନ୍ଧମାଳ ଓ ବଲାଙ୍ଗୀର ମଧ୍ୟରେ ପ୍ରାୟ ୫୦ କିମି ଦୂରତା ହ୍ରାସ ପାଇବ । ବଲାଙ୍ଗୀର ଓ ଫୁଲବାଣୀ ତଥା ବ୍ରହ୍ମପୁର ମଧ୍ୟରେ ପ୍ରାୟ ୭୦ କିମି ଦୂରତା ହ୍ରାସ ପାଇବ । ଭୌଗୋଳିକ ଓ ଅର୍ଥନୈତିକ ଦୃଷ୍ଟିରୁ ଏହି ପୋଲ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହାର ସମସ୍ୟା ନେଇ ଆଗାମୀ ଦିନରେ ଜନ ଆନ୍ଦୋଳନର ଆଶଙ୍କା ରହିଛି। ଏ ନେଇ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ କୁହନ୍ତି, ଦୁଇ ସପ୍ତାହ ହେବ ବନ ବିଭାଗର ଡିମାର୍କେଶନ ହୋଇଛି। ୫ ଜଣଙ୍କୁ କ୍ଷତିପୂରଣ ରାଶି ଦିଆ ସରିଛି । ଶୀଘ୍ର କାମ ଆରମ୍ଭ ହେବ ।

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Ink Tank Based Printer on Buy Back basis of 49 Nos. of different make printers.** The last date and time of submission of the tender is 17.15 Hours on Dt.22/05/2019.
For details, log on to website https://eprocure.gov.in/eprocure/app.
Sr.Dy. Materials Manager
PPT/PR/39/19-20 Dt. 13.05.2019

### ପରିତ୍ୟକ୍ତ ଅବସ୍ଥାରେ ପଡିଛି ଯାତ୍ରୀ ବିଶ୍ରାମାଗାର

ଗୁଡଭେଲିପଦର, ୧୩ା୫ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ବସ୍‌ଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ଯାତ୍ରୀ ବିଶ୍ରାମାଗାର ଯାତ୍ରୀଙ୍କ କାମରେ ଆସୁନାହିଁ । ଏହା ପରିତ୍ୟକ୍ତ ଅବସ୍ଥାରେ ପଡିଥିବାରୁ ଅଧିକାଂଶ ସମୟରେ ଏଠାରେ ଗୋରୁଗାଈ ଆଶ୍ରୟ ନେଉଛନ୍ତି । ସେମାନଙ୍କ ମଳମୂତ୍ର ଏହାର ପରିବେଶକୁ ଦୂଷିତ କରିପକାଉଛନ୍ତି । ଫଳରେ ମୁଣ୍ଡ ଫଟା ଖରାରେ ଯାତ୍ରୀମାନେ ଛିଡା ହୋଇ ବସ୍‌କୁ ଅପେକ୍ଷା କରୁଥିଲେ ମଧ ଏହି ବିଶ୍ରାମଗାର ବ୍ୟବହାର କରୁନାହାନ୍ତି । କେତେକ ଯାତ୍ରୀ ପାଖରେ ଥିବା ଦୋକାନ ବାରଣ୍ଡାରେ ଛିଡା ହେଉଛନ୍ତି । ଏହି ବସଷ୍ଟାଣ୍ଡ ଦେଇ ଦୈନିକ ୫୦ରୁ ଅଧିକ ବସ୍ ଯାତାୟାତ କରୁଥିବା ବେଳେ ଯାତ୍ରୀ ସଂଖ୍ୟା ମଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଖରା ବର୍ଷା ଦିନରେ ଏଠାରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଯାତ୍ରୀ ବିଶ୍ରାମଗାରକୁ ପୁନରୁଦ୍ଧାର କରାଗଲେ ଯାତ୍ରୀମାନେ ଉପକୃତ ହୁଅନ୍ତେ। ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ତେବେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

### ଦାଦନ ଶ୍ରମିକଙ୍କ କରୁଣ କାହାଣୀ

# ଟ୍ରେନରେ ଶ୍ରମିକଙ୍କ ଦୁଇଗୋଡ଼ କଟିଲା

### ବୋଝ ଉଠାଇବାକୁ ଯାଇ ନିଜେ ବୋଝ ହେଲେ

ନୂଆପଡ଼ା ଅଫିସ,୧୩ା୫



ପରିବାର ସହ ଦୁଇଗୋଡ କଟିଯାଇଥିବା ଯୁବକ ସୁକାନ୍ତ ହଂସ ।

ନୂଆପଡା ଭଳି ଜିଲାରେ ଅର୍ଦ୍ଧାଧିକ ପରିବାର ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି । ଏଠାରେ କୌଣସି ସରକାରୀ ରୋଜଗାର ବ୍ୟବସ୍ଥା ନ ଥିବାବେଳେ ଲୋକେ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ନିଜର ପରିବାରର ବୋଝ ଉଠାଇବାକୁ ଯାଇ ଶେଷରେ ବିଭିନ୍ନ ନିର୍ଯାତନା, ଟ୍ରେନରେ ଗୋଡ ହାତ କଟି ପରିବାର ପାଇଁ ବୋଝ ହୋଇପଡିଥାନ୍ତି। ଏଭଳି ଏକ ଉଦାହରଣ ଉପାନ୍ତ ବୋଡେନ ବ୍ଲକର ବାବେବିର ପଞ୍ଚାୟତ ଖଇରଭାଡି ଗାଁରେ ଦେଖିବାକୁ ମିଳିଛି । ସେହି ଗାଁର ସୁକାନ୍ତ ହଂସ (୨୪) ନାମକ ଜଣେ ଯୁବକ ନିଜର ମା'ବାପାଙ୍କ ଭରଣପୋଷଣ ସହ ସାନ ଭଉଣୀଙ୍କ ବିବାହ ଖର୍ଚ୍ଚ ତୁଲାଇବାକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରୁ ଟ୍ରେନରେ ଫେରୁଥିବା ସମୟରେ ଟ୍ରେନରେ ଦୁଇଗୋଡ ହରାଇ ନିଜ ପରିବାର ପାଇଁ ବୋଝ ହୋଇପଡିଛନ୍ତି। ବର୍ତ୍ତମାନ ଖଟିଆରେ ଦିନ ଗଣୁଛନ୍ତି ।

ପ୍ରକାଶ ଯେ, ସୁକାନ୍ତଙ୍କ ମା' ବାପା ସହ ତାଙ୍କର ସାନ ଭଉଣୀଙ୍କୁ ନେଇ ପରିବାର । ଗତବର୍ଷ ତାଙ୍କର ବଡ ଭଉଣୀଙ୍କୁ ବିବାହ କରିଛନ୍ତି । ସେହି ବାବଦକୁ ଉଧାରି ଟଙ୍କା ସୁଝିବା ବାକିପଡିଥିବାବେଳେ ଏହି ବର୍ଷ ପୁଣି ସାନ ଭଉଣୀଙ୍କୁ ବିବାହ କରିବାର ଯୋଜନା ଥିଲା । ଏଥି ସକାଶେ ଗତ ଜାନୁୟାରୀରେ ସ୍ଥାନୀୟ କେତେକ ଯୁବକଙ୍କ ସହ ମିଶି ଚେନ୍ନେଇକୁ କାମ କରିବାକୁ ଯାଇଥିଲେ । ସେଠାରେ ଏକ ଇଟାଭାଟିରେ ନିୟୋଜିତ ହୋଇ କାମ କରିଥିଲେ । ସେଠାରୁ କାମ ସାରି କିଛି ଟଙ୍କା ଧରି ଏଠାକୁ ଫେରୁଥିଲେ । ଗତ ଏପ୍ରିଲରେ ଘରକୁ ଫେରିବା ବାଟରେ ସୁଲେନପଟା ଷ୍ଟେଶନ ନିକଟରେ ଟ୍ରେନରୁ ଗୋଡ ଖସିଯିବାରୁ ତଳେ ପଡିଯାଇଥିଲେ । ଘଟଣାସ୍ଥଳରେ ତାଙ୍କର ଦୁଇଗୋଡ କଟିଯାଇଥିଲା । ସ୍ଥାନୀୟ ରେଳବାଇ ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରିଥିଲେ । ଠିକ ମାସକ ପରେ ତାଙ୍କର ପରିବାର ଲୋକ ଖବର ପାଇବା ତାଙ୍କୁ ସେଠାରୁ ନେଇ ଆସିଛନ୍ତି । ବର୍ତ୍ତମାନ ସୁକାନ୍ତ ଦୁଇଗୋଡ ହରାଇ ଘରେ ବସିଛନ୍ତି । ଘରେ ଜମିବାଡି ବୋଲି କିଛି ନାହିଁ। ବୁଢା ମା'ବାପା ରହିଛନ୍ତି । ବଡିଲା ଝିଅ ଟିଏ। ରୋଜଗାରକ୍ଷମ କହିଲେ କେହିନାହିଁ। ଏଭଳି ସ୍ଥିତିରେ କୌଣସି ସରକାରୀ ସୁବିଧା ମିଳିନାହିଁ । ଏହା ଉପରେ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553
**TENDER NOTICE NO. SR.G.M. (S&S) - 01/2019-20**
For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 7 Nos. of 2.0 Ton and 1 No. 1.5 Ton 3 Star Inverter Split A.C. Machines (Make: LG / Carrier / Blue Star / Hitachi / Voltas) and 5.0KVA Voltage Stabilizers for OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Split A.C. Machines with Voltage Stabilizers for OPTCL/GRIDCO".** Tender papers can be downloaded from the OPTCL website from **dt.11.05.2019** to **dt.23.05.2019** up to **1.00 PM** . The last date for receipt of tender is **dt.23.05.2019** upto **1:00 PM.** The tender will be opened on **dt.23.05.2019** at **4:00 PM.** Interested firms may visit OPTCL's official website **www.optcl.co.in** for detail specifications.
Sd/- Sr. General Manager (S&S)
Please connect us: optcl.odisha optcl_odisha energyodisha

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍‌ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପାଟଣାଗଡ଼, ଓଡ଼ିଶାଠାରେ ପିଓ ବିଲ୍‌ଡିଂ ଏବଂ ଏସ୍‌ପିଏମ୍ କ୍ୱାର୍ଟର୍‌ର ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଅଟକଳ ମୂଲ୍ୟ: ଟ.୧,୫୪,୨୦,୫୭୭.୦୦ {ଟ.୧,୪୦,୫୫,୨୧୭.୦୦ (ସିଭିଲ ଅଂଶ) ଏବଂ ଟ.୧୩,୬୫,୩୬୦.୦୦ (ବୈଦ୍ୟୁତିକ ଅଂଶ)}, ଇଏମ୍‌ଡି: ଟ.୩,୦୮,୪୧୨/- (କମ୍ପୋଜିଟ୍), ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୮୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲି., ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୨୭।୦୫।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୩୦୦ (ତିନି ଶହ) ଦିନ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡ ହାଇମାଷ୍ଟ ଲାଇଟ୍ ଜଳୁନି

**ଲୋଇସିଂହା, ୧୩।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ବସ୍‌ଷ୍ଟାଣ୍ଡରେ ଥିବା ହାଇମାଷ୍ଟ ଲାଇଟ ମାସେ ହେଲା ଜଳୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ବି ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ବସଷ୍ଟାଣ୍ଡ ଅନ୍ଧକାରମୟ ହୋଇପଡିଛି । ସ୍ଥାନୀୟ ବ୍ୟବସାୟୀ ଓ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁର୍ଡା ଗ୍ରାମ ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି । ଉକ୍ତ ବସ୍‌ଷ୍ଟାଣ୍ଡ ଉପରେ ବାଞ୍ଜିପାଲି, ନଅଗାଁ(ଖ), ଦାସପାଲି, ସାନଟିକା, ବଡଟିକା, ବୁରୋଭାଡି ପ୍ରଭୃତି ଗ୍ରାମର ଲୋକେ ନିର୍ଭର ଧରିଥାନ୍ତି। ବସ୍‌ଷ୍ଟାଣ୍ଡରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି । ବସ୍‌ଷ୍ଟାଣ୍ଡ ଚାରିଛକ ବିଶିଷ୍ଟ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇଛି । ଏବେ ଅନ୍ଧକାର ଯୋଗୁ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଇଛି । ଏଥିପ୍ରତି ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବିହେଉଛି ।

### ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ ସ୍ଥାପନ

**ବିନିକା, ୧୩।୫(ଡି.ଏନ୍.ଏ.): ସୁବର୍ଣ୍ଣପୁର** ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ପାପକ୍ଷୟରେ ନବନିର୍ମିତ ଶିବ ମନ୍ଦିରର ରତ୍ନମୂଦ ସ୍ଥାପନ କାର୍ଯ୍ୟ ସୋମବାର ପାପକ୍ଷୟ ଶିବ ମନ୍ଦିର କମିଟି ଦ୍ୱାରା ସମ୍ପନ୍ନ ହୋଇଯାଇଛି । ଏଥିପାଇଁ ପାପକ୍ଷୟ ପୀଠ ସକାଳ ୮ଟାରୁ ଚଳଚଞ୍ଚଳ ରହିଥିଲା। ବିନିକା ପଡାର ସଂକୀର୍ତ୍ତନ୍ୟ ଦଳ ପକ୍ଷରୁ ଏ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତାଭାବେ ଦେବେନ୍ଦ୍ର ସେଠୀ ଓ ଦେବାଶିଷ ତରିଆ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ୟାସ ଭାବେ ଘୁଟୁ ପୁରୋହିତ ଏବଂ ଥନାପତି ବିମ୍ବାଧର ବିଶି ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ଲଳିତ ତରିଆ, ସମ୍ପାଦକ ରବିନ୍ଦ୍ର ହୋତାଙ୍କ ସହିତ ସମସ୍ତ କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ଅପରାହ୍ନ ୪ଟାରେ ମନ୍ଦିରର ରତ୍ନମୂଦ ସ୍ଥାପନ କାର୍ଯ୍ୟ ସମାପିତ ହୋଇଥିଲା ।

### ମଦ, ସଟ୍ଟା କାରବାର ବୃଦ୍ଧି

**ଲୋଇସିଂହା, ୧୩।୫(ଡି.ଏନ.ଏ):** ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ମାହାରପାଲି ଛକରେ ମଦ ଓ ସଟ୍ଟା କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି କାରବାର ଦିନକୁ ଦିନ ବଢୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ମଦୁଆଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଉକ୍ତ ଛକରେ ପ୍ରତ୍ୟେକ ରବିବାର ସାପ୍ତାହିକ ହାଟ ଦିନ ଜୁଆ ଖେଳ ଚାଲିଆସୁଛି । ୨୦୧୫ ମସିହାରେ ଏହି ସ୍ଥାନରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢାଉ କରି ବିପୁଳ ଟଙ୍କା ଜବତ କରିବା ସହ କେତେକଙ୍କୁ ଗିରଫ କରିଥିଲା । ପୋଲିସ ଧରପଗଡ ବେଳେ ଜଣେ ବ୍ୟକ୍ତି ଖସି ପଳାଇବାକୁ ଉଦ୍ୟମବେଳେ ଏକ କୂଅରେ ପଡି ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରଠାରୁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

---

କେଭିକେମାନଙ୍କ ବାର୍ଷିକ ଯୋଜନା ପ୍ରସ୍ତୁତି ପାଇଁ ମାନସ ମନ୍ଥନ

# ଜଙ୍ଗଲ ବଢ଼ିଲେ ତାପମାତ୍ରା କମିବ

**ସୋନପୁର, ୧୩।୫(ନି.ପ୍ର.)**




କର୍ମଶାଳାରେ ସୁବର୍ଣ୍ଣପୁର ଡିଏଫଓ, ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଓ କେଭିକେର ବୈଜ୍ଞାନିକ ବୃନ୍ଦ ମଞ୍ଚାସୀନ।

ସୁବର୍ଣ୍ଣପୁର ଜିଲା ଦେଇ ମହାନଦୀ, ତେଲନଦୀ ଓ ଅଙ୍ଗନଦୀ ଭଳି ଅନେକ ଛୋଟବଡ ନଦୀ ପ୍ରବାହିତ ହେଉଥିଲେ ହେଁ ଏଠାକାର ତାପମାତ୍ରା ଅଧିକ। କାରଣ ଜିଲାର ସମୁଦାୟ କ୍ଷେତ୍ରଫଳର ମାତ୍ର ୧୮.୧୫ ପ୍ରତିଶତ ଜଙ୍ଗଲ ରହିଛି। ଏହା ସର୍ବନିମ୍ନ ୩୩ ପ୍ରତିଶତ ରହିବା କଥା। ଜିଲାରେ ଜଙ୍ଗଲ ବଢିଲେ ହିଁ ତାପମାତ୍ରା କମିବ। ଜଙ୍ଗଲ ସମ୍ପଦର ସୁବିନିଯୋଗ ଓ ବାଉଁଶ ଚାଷ ଦ୍ୱାରା ସାଧାରଣ ଗ୍ରାମୀଣ ପରିବାରର ଜୀବନ ଜୀବିକାର ଉନ୍ନତି ହେବ। ଜଳ ଓ ମୃତ୍ତିକା ସଂରକ୍ଷଣ ହୋଇପାରିବ ବୋଲି ସୋନପୁର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ସମ୍ମିଳନୀ କକ୍ଷରେ ଆୟୋଜିତ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କର ବାର୍ଷିକ ଯୋଜନା ପ୍ରସ୍ତୁତି ପାଇଁ ମାନସ ମନ୍ଥନରେ ଯୋଗଦେଇ ସୁବର୍ଣ୍ଣପୁର ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ ସାମନ୍ତରାୟ ଏହି ମତପ୍ରକାଶ କରିଛନ୍ତି। ବୈଜ୍ଞାନିକମାନେ ଏଥି ନିମନ୍ତେ ନୂତନ ରାସ୍ତା ଦେଖାଇବାକୁ ପଶ୍ଚିମ ଓଡିଶାର ୮ଟି ଜିଲାର ଭିତ୍ତିଭୂମି କାର୍ଯ୍ୟ ଖସଡା ରୂପାୟନ କର୍ମଶାଳାରେ ସେ ଏହି ପରାମର୍ଶ ଦେଇଥିଲେ। ସୋନପୁର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ ଡିଏଫଓ ସାମନ୍ତରାୟଙ୍କୁ ମାଳ ଅଞ୍ଚଳରେ କୃଷିର ସମସ୍ୟା ଓ ତାର ନିରାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏ କ୍ଷେତ୍ରରେ ଜଙ୍ଗଲ ବିଭାଗର ସହଯୋଗ ଲୋଡା ଯାଇଥିଲା। ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକ ଜିଲାର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ପ୍ରସ୍ତୁତି ପାଇଁ ସେମାନଙ୍କର ସମସ୍ୟାର ସଠିକ୍ ଅବଲୋକନ ଓ ତାର ନିରାକରଣ ପାଇଁ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ସମ୍ବଲପୁର, ବୌଦ୍ଧ ଜିଲାର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକଙ୍କ ସହ ୪୫ ଜଣ ବୈଜ୍ଞାନିକ ଯୋଗଦେଇଥିଲେ। ପଶ୍ଚିମାଞ୍ଚଳର କୃଷି ଜନିତ ସମସ୍ୟା ଓ ତାର ନାରାକରଣ ପାଇଁ ଉପଯୁକ୍ତ ବୈଜ୍ଞାନିକ ଜ୍ଞାନ କୌଶଳ ଉପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମାନସ ମନ୍ଥନ ଜାରି ରହିବ ବୋଲି କେନ୍ଦ୍ରର ବୈଜ୍ଞାନିକ ତଥା ସଞ୍ଚାଳିକା ସୁରୋଜ୍ୟୋତି ପ୍ରଧାନ କହିଛନ୍ତି ।

---

ଗ୍ୟାସଟାଙ୍କିରୁ ନିଆଁଲାଗି ଦମ୍ପତି ଗୁରୁତର ଘଟଣା

# ୫ମାସ ବିତିଲା, ସହାୟତା ମିଳିନି

**ଖପ୍ରାଖୋଲ, ୧୩।୫(ଡି.ଏନ.ଏ.)**



ପୋଡି ଯାଇ କ୍ଷତିଗ୍ରସ୍ତ ହୋଇଥିବା ହରିବୋଲ ପୋଢ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବଡ ଗୁର୍ଜିଭଟା ଗାଁର ହରିବୋଲ ପୋଢ (୬୩)। ଗତ ବର୍ଷ ଡିସେମ୍ବର ୭ ତାରିଖରେ ଖପ୍ରାଖୋଲର ଇଣ୍ଡିଏନ ଗ୍ୟାସ ଏଜେନ୍ସି ଠାରୁ ଏକ ଗ୍ୟାସ ସିଲିଣ୍ଡର ନେଇଥିଲେ। ଘରକୁ ନେଇ ନିଜେ ସଂଯୋଗ କରୁଥିବା ବେଳେ କୌଣସି କାରଣରୁ ସିଲ ଖୋଲିଲା ପରେ ଟ୍ୟାଙ୍କର ସବୁ ଗ୍ୟାସ ବାହାରି ଘର ସାରା ବ୍ୟାପୀ ଯାଇଥିଲା। ଘର ବାହାରେ ନିଆଁ ଥିବାରୁ ତାହା ଜଳି ବା ସହ ହରିବୋଲ ଏବଂ ତାଙ୍କ ସ୍ତ୍ରୀ ଗୁରୁତର ଭାବେ ପୋଡି ଯାଇଥିଲେ। ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଅବସ୍ଥାରେ ସ୍ୱାମୀସ୍ତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ବାବଦକୁ ୫୦ହଜାରରୁ ଉର୍ଦ୍ଧ୍ୱ ସେମାନେ ଖର୍ଚ୍ଚ କରିଥିବା ବେଳେ ଗ୍ୟାସ କମ୍ପାନୀ ତରଫରୁ ଘଟଣାର ୫ ମାସ ପରେ ବି କେହି ତଦନ୍ତ ପାଇଁ ଆସି ନଥିବା କିମ୍ବା କୌଣସି ସହାୟତା ମିଳି ନ ଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଗ୍ୟାସ ଏଜେନ୍ସି ଏବଂ ପ୍ରଶାସନକୁ ମଧ୍ୟ ଜଣାଇଥିଲେ କିଛି ଫଳ ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ୟାସ ଏଜେନ୍ସି ମାଲିକ କେ.ସି .ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।

---

# ନୂତନ ଟ୍ରାନ୍ସଫର୍ମରରୁ ସଂଯୋଗ ଦିଆଯାଉନି

**ସୋନପୁର, ୧୩।୫(ନି.ପ୍ର.)**

- ଲୋ ଭୋଲଟେଜ୍ ଯୋଗୁ ଗ୍ରାମବାସୀ ହୀନସ୍ତା
- ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ

ସୋନପୁର ବ୍ଲକ ବଲାଡି ଗ୍ରାମ ଉପରିପଡାର ୧୩୦ଟି ପରିବାର ଲୋଭୋଲଟେଜ୍ ସମସ୍ୟା ଯୋଗୁଁ ହୀନସ୍ତା ହେଉଛନ୍ତି। ୪୫ ଡିଗ୍ରୀ ଉପରେ ତାପମାତ୍ରା ରହୁଥିବାରୁ ଗ୍ରାମବାସୀ ତାତି ସହ୍ୟ କରି ପାରୁନାହାନ୍ତି। ବଲ୍‌ବ ଜଳୁ ନ ଥିବାରୁ ଛାତ୍ରୀଛାତ୍ର ରାତିରେ ପାଠ ପଢିବା କ୍ଷେତ୍ରରେ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗ ଜନସାଧାରଣଙ୍କ ସମସ୍ୟାକୁ ସମାଧାନ କରିବା କ୍ଷେତ୍ରରେ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ଗ୍ରାମବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ପଡାକୁ ଏକ ୨୫ କେଭି ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ଭୋଲଟେଜ୍ ରହୁ ନ ଥିବାରୁ ଗାଁରେ ଥିବା ୬୩ କେଭି ଟ୍ରାନ୍ସଫରମରରୁ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଏଥିପାଇଁ ବିଦ୍ୟୁତ୍ ବିଭାଗ ପ୍ରତି ପରିବାରରୁ ୧ହଜାର ଟଙ୍କା ଲେଖାଏଁ ବକେୟା ବିଦ୍ୟୁତ୍ ବିଲ ଆଦାୟ କରିଛି। ମାତ୍ର ୨ ମାସ ହେଲା ନୂତନ ଟ୍ରାନ୍ସଫରର୍ମରୁ ସଂଯୋଗ ଦିଆଯାଉନି। ସୋମବାର ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଗ୍ରାମର ଉମେଶ ମହାକୁର, ଉମେଶ ପୁଟେଲ, କେଦାର ଦାଶ, ଗୋବିନ୍ଦ ମହାଲିଙ୍ଗ, ପଞ୍ଚାନନ କରଣ, ହରିଶଙ୍କର ସାହୁ ଓ ଖଗେନ୍ଦ୍ର ସେଠୀ ପ୍ରମୁଖ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରଶ୍ମିରଞ୍ଜନ ଜେନାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।




ବଲାଡି ଉପରିପଡା ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବାକୁ ଆସିଛନ୍ତି ।

---

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ, ୧୩।୫**

ବଲାଙ୍ଗୀର ରେଳଷ୍ଟେଶନ ନିକଟ ରେଳବାଇ ହସ୍‌ପିଟାଲ ପାଖ ଏକ ଗଛରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ରେଳବାଇ ପୋଲିସ ସୋମବାର ଜବତ କରିଛି। ମୃତା ନୟାଗଡ ଜିଲା କଣ୍ଟିଲୋ ଗ୍ରାମର ମଟିଆ ବାରିକଙ୍କ ସ୍ତ୍ରୀ ବୋଲି ପୋଲିସ ପକ୍ଷରୁ ଚିହ୍ନଟ କରାଯାଇଛି। କୌଣସି କାରଣରୁ ମହିଳା ଜଣକ ଘରୁ ଚାଲିଆସି ଏଠାରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀର ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୩/୧୯) ରୁଜୁ ହୋଇଛି। ରବିବାର ସନ୍ଧ୍ୟାରେ ରେଲୱେ ଷ୍ଟେଶନ ହସପିଟାଲ ପାଖ ପତ୍ରା ଜଙ୍ଗଲରେ ଥିବା ଏକ ଗଛରେ ଜଣେ ମହିଳାଙ୍କ ମୃତଦେହ ଝୁଲୁଥିବା ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏ ନେଇ ପୋଲିସ ଛାନବିନ୍ କରିବାରୁ ଧଳା ଛିଟଶାଢ଼ି ପିନ୍ଧିଥିବା ଜଣେ ମହିଳା ଫାଶ ଲଗାଇ ଝୁଲୁଥିବା ଦେଖାଯାଇଥିଲା। ଏହାପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ମୃତଦେହଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ପଠାଇଥିଲା । ଘଟଣାସ୍ଥଳରୁ ଏକ ଏୟାରବ୍ୟାଗ୍‌ରେ କିଛି ଲୁଗାପଟା ଓ ଦର୍ପଣ ମିଳିଥିଲା । ସେଥିରେ ଫୋନ୍ ନମ୍ବର ଲେଖାଥିବା ଏକ ଖାତା ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରି ମୃତାଙ୍କ ପରିଚୟ ପାଇଥିବା ରେଳବାଇ ଥାନା ଅଧିକାରୀ ଦୁର୍ଗାଚରଣ ପ୍ରଧାନ କହିଛନ୍ତି। ମହିଳାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ପରିବାର ସଦସ୍ୟ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

---



ଦେଓଗାଁ ଯୋଗୀସାଗର ମାଟି ଉନ୍ନତୀକରଣ କାର୍ଯ୍ୟକୁ ନରସିଂହ ମିଶ୍ର ପରିଦର୍ଶନ କରୁଛନ୍ତି।

ଯୋଗୀସାଗର ମାଟି ଉନ୍ନତିକରଣ

# ଏଷ୍ଟିମେଟ୍ ଅନୁସାରେ କାମ ହୋଇ ନ ଥିବା ଅଭିଯୋଗ

**ଦେଓଗାଁ, ୧୩।୫(ଡି.ଏନ.ଏ.)**

**କାର୍ଯ୍ୟ ତଦାରଖ କଲେ ନରସିଂହ**

ବଲାଙ୍ଗୀର ଜିଲା ଦେଓଗାଁର ସର୍ବପୁରାତନ ବୃହତ ଜଳାଶୟ ଯୋଗୀସାଗରର ମାଟିଉନ୍ନତିକରଣ କାର୍ଯ୍ୟ ଜିଲା କ୍ଷୁଦ୍ରଜଳସେଚନ ବିଭାଗ ତରଫରୁ ଚାଲିଛି । ୨୦୧୭ ଡିସେମ୍ବରରେ ବିଧାୟକ ନରସିଂହ ମିଶ୍ର ଗାଁକୁ ଆସିଥିବା ସମୟରେ ଗ୍ରାମବାସୀ ୧୩୦ଏକର ପରିମିତ ଜମିରେ ଥିବା ବୃହତ ଜଳାଶୟକୁ ଜବରଦଖଲ କରାଯାଉଥିବା ଅଭିଯୋଗ କରିବା ସହ ପଙ୍କ ଉଦ୍ଧାର ଓ ମାଟି ଉନ୍ନତିକରଣ ପାଇଁ ଅର୍ଥମଞ୍ଜୁର କରିବାକୁ ଦାବି କରିଥିଲେ । ବିଧାୟକ ମିଶ୍ରଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ଟଙ୍କା ମଞ୍ଜୁର ହୋଇ ୮୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୬୪ଲକ୍ଷ ଟଙ୍କାର ମାଟି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହୋଇଛି। ହେଲେ ପ୍ରକୃତ ଏଷ୍ଟିମେଟ ଅନୁସାରେ ମାଟି ଉନ୍ନତିକରଣ ହୋଇ ନ ଥିବା କେତେକ ଗ୍ରାମବାସୀ ତଥା ଚାଷୀ ବିଧାୟକଙ୍କୁ ଅଭିଯୋଗ କରିଥିଲେ। କାମକୁ ନେଇ ଅଭିଯୋଗ ଉଠିବା ପରେ ସୋମବାର ବିରୋଧିଦଳ ନେତା ମିଶ୍ର ଯୋଗୀସାଗରର ଉନ୍ନତିକରଣ କାର୍ଯ୍ୟର ତଦାରଖ କରିଛନ୍ତି । ଏହି ଅବସରରେ ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ମାନଭଞ୍ଜନ ଶତପଥୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ସାଗରର ଉନ୍ନତିକରଣ ସମ୍ପର୍କରେ ଅବଗତ କରାଇଥିଲେ । ଲକ୍ଷ୍ମଣ ପୋଢ଼, ଓଁକାର ପଟ୍ଟନାୟକ, ମାଣିକ୍ୟ ପାତ୍ର, ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓ ପ୍ରମୁଖ କେତେକ ଚାଷୀ ଯୋଗୀ ସାଗରର ପୁରୁଣା ସରପ୍ଲସକୁ ଉଚ୍ଚ କରା ନ ଗଲେ ସାଗରତଳମୁଣ୍ଡରେ ଥିବା ଚାଷୀ ବ୍ୟାପକ କ୍ଷତି ସହିବାକୁ ପଡିବ ବୋଲି ଅଭିଯୋଗ କରିଥିଲେ। ଏହା ସହ ଏହି ସରପ୍ଲସକୁ ଉଚ୍ଚ କରିବା ପାଇଁ ଦାବି କରିଥିଲେ । ଏହି କାର୍ଯ୍ୟର ପ୍ରକୃତ ତଦନ୍ତ କରିବା ସହ ଆଗକୁ ଠିକ୍‌ଭାବେ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ମିଶ୍ର ତାଗିଦ୍ କରିଥିଲେ। ଏହା ସହ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରପ୍ଲସକୁ ଉଚ୍ଚ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। ତଦାରଖ ସମୟରେ ଗ୍ରାମର ବିଶ୍ୱଜିତ ପାତ୍ର, ସମିର ସାହୁ, କୁନା ସାହୁ, ଜଗୁ ସାହୁ, ଶିବ ପ୍ରସାଦ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

---

- ତେଲ ଟ୍ୟାଙ୍କର ଧକ୍କାରେ ଜଣେ ଗୁରୁତର

# ଉତ୍ତ୍ୟକ୍ତ ଲୋକେ ଟ୍ୟାଙ୍କର ଜାଳି ଦେଲେ

**ବଲାଙ୍ଗୀର ଅଫିସ, ୧୩।୫**

୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀର ମଠଖାଇ ମନ୍ଦିର-ସିନଖମନ ମଝିରେ ସୋମବାର ରାତିରେ ଏକ ତେଲ ଟ୍ୟାଙ୍କର କାର ଏବଂ ଭ୍ୟାନକୁ ଧକ୍କା ଦେଇଥିଲା । ଏଥିରେ ଭ୍ୟାନ (ହିମାଳୟ ସୋଡା)ଡ୍ରାଇଭର ଆହତ ହୋଇଛନ୍ତି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ତେଲ ଟ୍ୟାଙ୍କରରେ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ଡ୍ରାଇଭରଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।



ସୋମବାର ମଠଖାଇ ମନ୍ଦିର-ସିନଖମନ ମଝିରେ ଲୋକେ ଜାଳିଦେଇଥିବା ଟ୍ୟାଙ୍କରକୁ ଦମକଳ ବାହିନୀ ଲିଭାଉଛନ୍ତି (ବାମ)। ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍।

---

# ବାଇକ୍ ଲୁଟେରା ଗ୍ୟାଙ୍ଗର ୬ ଗିରଫ

**ବେଲପଡା, ୧୩।୫(ଡି.ଏନ.ଏ.)**



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ବାଇକ୍।

**୧୦ ବାଇକ୍ ଜବତ**

ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ଆନ୍ତଃଜିଲା ବାଇକ ଲୁଟେରା ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୧୦ଟି ବାଇକ ଜବତ କରାଯାଇଛି। ଏ ସମ୍ପର୍କରେ ସୋମବାର ବେଲପଡା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ପାଟଣାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁରେଶ ନାଏକ। ତାଙ୍କ ସୂଚନା ଅନୁସାରେ କିଛି ମାସ ପୂର୍ବରୁ ବେଲପଡା ଥାନା ଅଞ୍ଚଳର କେତେକ ଯୁବକ ଯୋଜନାବଦ୍ଧଭାବେ ବଲାଙ୍ଗୀର, ବରଗଡ, ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ, ଲରମ୍ବା, ବେଲପଡା ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଟିମ୍ କେତେକ ବାଇକ ଲୁଟେରାଙ୍କୁ ଧରି ପଚରାଉଚୁରା କରିବା ପରେ ପାଟଣାଗଡ, କଣ୍ଟାବାଞ୍ଜି, ଖପ୍ରାଖୋଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖି ଚୋରି ୧୦ ବାଇକ ଜବତ କରିବା ସହ ୬ ଲୁଟେରାଙ୍କୁ ଧରିଥିଲା। ସେମାନେ ହେଲେ ବେଲପଡା ଥାନା ଅନ୍ତର୍ଗତ ବେଲପଡାର ବିଜୁ ଓରଫ ଗୌତମ ସିଂ(୨୦), ବୁଢାଭଟା ଗ୍ରାମର ଚୁନା ଓରଫ ଜୟରାମ ବେହେରା(୨୬), ମିନିକେତନ ବିଭାର, ପୁରୁଟ ଓରଫ ଲଛମନ ଦାସ(୨୬), ଝାଙ୍କିରିପାଲି ଗ୍ରାମର ଯୋଗେଶ୍ୱର ସାହୁ(୨୭) ଓ ଖପ୍ରାଖୋଲ ଥାନା ବଳିଆବାହାଲ ଗ୍ରାମର ରାଜୁ ମାଝୀ(୧୯)। ଗିରଫ ଅଭିଯୁକ୍ତମାନଙ୍କୁ ବେଲପଡା ଥାନାରେ ଏକ ମାମଲା(ନଂ.୭୧/୧୯) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଟିଟିଲାଗଡ ଜିଆରପି, ନୂଆପଡା ଓ ବେଲପଡା ଥାନା ଅଧୀନରେ ଏକାଧିକ ମାମଲା ରହିଛି । ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ପାରେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ବେଲପଡା ଥାନା ଅଧିକାରୀ ସଚ୍ଚିଦାନନ୍ଦ ବରିହା, ସବଇନ୍ସପେକ୍ଟର କିରନ କୁମାର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

---

### ୧୬ରୁ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୧୩।୫**

ଓଡ଼ିଶା ରଜ୍ୟ ସୁଇମିଂ ଆସୋସିଏଶନ ନିର୍ଦ୍ଦେଶକ୍ରମେ ଆସନ୍ତା ୧୬ତାରିଖରୁ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସସ୍ଥିତ ସନ୍ତରଣାଗାରରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆରମ୍ଭ ହେବ । ଏଥିରେ ଫିନା ରୁଲ୍ସ ଆଧାରରେ ୪ଟି ବୟସବର୍ଗ ବିଭାଗରେ ପ୍ରତିଯୋଗିତା ହେବ । ପ୍ରଥମ ବିଭାଗରେ ୧୫ରୁ ୧୭ବର୍ଷ, ଦ୍ୱିତୀୟ ବିଭାଗରେ ୧୨ରୁ ୧୪, ତୃତୀୟ ବିଭାଗରେ ୧୧ ଓ ଚତୁର୍ଥ ବିଭାଗରେ ୯ରୁ ୧୦ବର୍ଷ ବୟସର ପ୍ରତିଯୋଗୀ ଭାଗ ନେବେ । ଫ୍ରି ଷ୍ଟାଇଲ, ବ୍ୟାକ ଷ୍ଟୋକ, ବ୍ରେଷ୍ଟ ଷ୍ଟୋକ ଇଣ୍ଡିଭିଜୁଆଲ ମଡଲେ, ଫ୍ରି ଷ୍ଟାଇଲେ ରିଲେ, ମିଡ଼ଲେ ରିଲେ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଆସନ୍ତା ଜୁନ ୨ରୁ ୩ ତାରିଖରେ ସମ୍ବଲପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁଇମିଂ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା ସୁଇମିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ

### ପଲିଥିନରେ ପୋତି ହୋଇଯାଉଛି ପୋଖରୀ

**ରିଷିଡ଼ା,୧୩।୫ (ଡି.ଏନ.ଏ.)–** ସମ୍ପ୍ରତି ପଲିଥିନ ବ୍ୟବହାର ଯୋଗୁ ଏହାର କୁପ୍ରଭାବ ସିଧାସଳଖ ପରିବେଶ ଉପରେ ପଡୁଛି । ପଲିଥିନ ନଷ୍ଟ ହେଉ ନ ଥିବା ଯୋଗୁ ମାଟି ତଳେ ପୋତି ହୋଇ ଭୂତଳ ଜଳସ୍ତର ହ୍ରାସ କରୁଛି। ଆଜିକାଲି ପଲିଥିନା ପ୍ୟାକେଟ୍, ସର୍ପ, ସାବୁନ, ଭାଙ୍ଗ, ଗୁଟଖା, ସାମ୍ପୁ ପ୍ରଭୃତି ପରିତ୍ୟକ୍ତ ପଲିଥିନସବୁ ପୋଖରୀଗୁଡ଼ିକରେ ପୋତିହୋଇଯାଉଛି । ଫଳରେ ପୋଖରୀର ଜଳଧାରଣ କମ୍ ହୋଇଯାଉଛି । ପଲିଥିନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲେ ପରିବେଶ ପ୍ରତି ଏହାର କୁପ୍ରଭାବ ପଡିବ ନାହିଁ ।

### ରିଷିଡ଼ାରେ ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା

**ରିଷିଡ଼ା,୧୩।୫ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି ରିଷିଡ଼ାଠାରେ ୨ଟି ପାନୀୟ ଜଳ ପ୍ରକଳ୍ପ ଅଚଳ ହେବା ସହ ଗୋଟିଏ ପ୍ରକଳ୍ପର ପାଣି ଟାଙ୍କିକୁ ସବୁ ଅଞ୍ଚଳକୁ ପାଣି ଯୋଗାଣ ହେଉ ନ ଯୋଗୁ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଛି । ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଏଠାରେ ଥିବା ୩୨ଟି ନଳକୂପ, ୧୨ଟି ଖୋଲାକୂଅ, ୩ଟି ସରକାରୀ କୂଅର ଜଳସ୍ତର ହ୍ରାସ ପାଇଛି। ଫଳରେ ନଳକୂପ ଗୁଡ଼ିକରେ କମ୍ ଜଳ ବାହାରୁଥିବାରୁ ସମସ୍ୟା ଜଟିଳ ହୋଇଛି। ଲୋକସଂଖ୍ୟା ୬ ହଜାର ଥିବା ବେଳେ ଏଠାରେ ଥିବା ନଳକୂଅର ଜଳ ଯଥେଷ୍ଟ ହୋଇପାରୁନାହିଁ। ଦୀର୍ଘ ୧୮ ବର୍ଷ ହେଲା ନିର୍ମାଣ କରାଯାଉଥିବା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଥିବାରୁ ଏଠାରେ ପାଇପ ଜଳ ଯୋଗାଣ ସ୍ୱପ୍ନ ହୋଇଛି। ଏଠାରେ ୨୦୦୦ରେ ୨ଟି ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା । ଭୂତଳ ଜଳସ୍ତର ହ୍ରାସ ଯୋଗୁ ଏହି ପ୍ରକଳ୍ପ ୨ଟି ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଏହାପରେ ୨୦୦୮ରେ ମାତୃପୁରୀଠାରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇ ଥିଲେ ହେଁ ପାଣି ଟାଙ୍କିକୁ ପାଣି ଉଠୁ ନ ଥିବାରୁ ବିଦ୍ୟୁତ ବିଭ୍ରାଟ ହେଲେ ଜଳ ଯୋଗାଣ ଠପ୍ ହୋଇଯାଇଛି । ପୁନଶ୍ଚ ଏହି ବ୍ଲକର ରିଷିଡ଼ା ଓ ତେରେସିଂହାକୁ ଜଳ ଯୋଗାଣ କରିବା ପାଇଁ ତେଲ ନଦୀରୁ ସିଧାସଳଖ ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ୨୦୧୫ରୁ ଜଳ ଯୋଗାଣ ଆରମ୍ଭ ହୋଇଛି। କିନ୍ତୁ ସବୁ ଅଞ୍ଚଳକୁ ପାଇପ ଯାଇ ନ ଥିବାରୁ ଗାନ୍ଧୀନଗର, ମାଠୁଲପଡା, ଇରିଗେସନ କଲୋନୀ, କଲୋନୀପଡା, ସଲଣ୍ଡିଆମୁଣ୍ଡା ଅଞ୍ଚଳକୁ ଜଳ ଯୋଗାଣ ହେଉନାହିଁ।

# ଭୋଟ ଗଣତି ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

**ଭବାନୀପାଟଣା,୧୩।୫(ଡି.ଏନ.ଏ.)**

**୨୩ରେ ଲୋକ ସଭା, ବିଧାନସଭା ଭୋଟ ଗଣତି**

- ୨୯୩ ବୁଥର ଗଣତି ପାଇଁ ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ
- ଷ୍ଟ୍ରଙ୍ଗରୁମରେ ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା
- ଇଞ୍ଜିନିୟରିଂ କଲେଜ ପରିସରକୁ କଡା ସୁରକ୍ଷା ବ୍ୟବସ୍ଥା

କଳାହାଣ୍ଡି ଜିଲାରେ ଚଳିତ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ଭୋଟ ଗଣତି ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ୨୯୩ଟି ବୁଥର ଗଣତି ପାଇଁ ୫୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହେବେ। ସେମାନଙ୍କୁ ଆସନ୍ତା ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ। କଳାହାଣ୍ଡି ଜିଲାରେ ପ୍ରଥମ ଥର ପାଇଁ ମାତ୍ର ଗୋଟିଏ କେନ୍ଦ୍ରରେ ଇଭିଏମ ଷ୍ଟ୍ରଙ୍ଗରୁମ ହେବା ସହିତ ଗଣତି ହେବ । ଭବାନୀପାଟଣା ସହର ନିକଟସ୍ଥ ବାନ୍ଦୋପଲା ସରକାରୀ ଇଞ୍ଜିନିୟରିଂ କଲେଜରେ ଏଥି ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଜିଲାରେ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଥିବା ବେଳେ ଗୋଟିଏ ଲୋକ ସଭା ଆସନ ପାଇଁ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମେ ୨୩ ତାରିଖରେ ଗଣତି ପାଇଁ ପ୍ରତି ନିର୍ବାଚନ ପାଇଁ ଗୋଟିଏ କୋଠରିରେ ବିଧାନସଭା ପାଇଁ ୭ଟି ଟେବୁଲ ଓ ଲୋକସଭା ପାଇଁ ୭ଟି ଟେବୁଲ ବ୍ୟବସ୍ଥା ହୋଇଛି । ୫ଟି ବିଧାନସଭା ନିର୍ବାଚନ ଓ ଲୋକ ସଭା ପାଇଁ ୫ଟି ଆଲଗା କୋଠରିରେ ଗଣତି ପାଇଁ ବନ୍ଦୋବସ୍ତ ହୋଇଛି। ପ୍ରତି ଟେବୁଲରେ ଜଣେ ଗଣତି ସୁପରଭାଇଜର, ଜଣେ ଗଣତି ସହାୟକ ଓ ଜଣେ ମାଇକ୍ରୋ ଅବଜରଭରଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ଟେବୁଲସନ ପାଇଁ ଉଭୟ ୪ ଜଣ କର୍ମଚାରୀ ରହିବେ। ୨୯୩ଟି ବୁଥ ପାଇଁ ପ୍ରାୟ ୪୨ ରାଉଣ୍ଡ ଗଣତି ହେବ। ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀମାନେ ୯ ଜଣ ଗଣତି ଏଜେଣ୍ଟ ପ୍ରଦାନ କରିବେ। ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଗଣତି କୋଠରିରେ ସମୁଦାୟ ୧୮ ଜଣ ଏଜେଣ୍ଟ ରହିବେ। ଇଞ୍ଜିନିୟରିଂ କଲେଜରେ ଗ୍ରାଉଣ୍ଡ ଫ୍ଲୋରରେ ମିଡିଆ ସେଣ୍ଟର ଡିଆଇପିଆରଓଙ୍କ ତତ୍ତ୍ୱାବଧାନରେ ଖୋଲାଯିବ। ସେହିଭଳି ନିର୍ବାଚନ କମିଶନଙ୍କ ସହିତ ସିଧାସଳଖ ଯୋଗାଯୋଗ ପାଇଁ ଏକ କମ୍ୟୁନିକେସନ କେନ୍ଦ୍ର ସ୍ଥାପନ ହେବ। ଯେଉଁଠାରେ ଟେଲିଫୋନ, ଇଣ୍ଟରନେଟ ସମେତ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ହେବ। ସେହିଭଳି ଲୋକ ସଭା ପାଇଁ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ରିଟର୍ଣ୍ଣିଂ ଅଫିସର ଥିବା ବେଳେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଜୁନାଗଡ, ଧର୍ମଗଡ ନିର୍ବାଚନମଣ୍ଡଳୀ, ଭବାନୀପାଟଣା ଓ ନର୍ଲା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଭାବରେ ଦାୟିତ୍ୱ ତୁଲାଇବେ। ଗଣତି ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥା ପାଇଁ ଭବାନୀପାଟଣା ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଓ ପିଏଚ୍‌ଡି ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଗଣତି କେନ୍ଦ୍ରରେ ଏସି ଲଗାଯିବ । ଗଣତି ପାଇଁ ୩୭୦ ଜଣ କର୍ମଚାରୀ ନିୟୋଜିତ ହେବାକୁ ଥିବା ବେଳେ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସମୁଦାୟ ୫୦୦ ରୁ ଅଧିକ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଗଣିତ କେନ୍ଦ୍ରକୁ ମୋବାଇଲ ନେବାକୁ ବାରଣ କରାଯାଇଛି। ବର୍ତ୍ତମାନ ଷ୍ଟ୍ରଙ୍ଗରୁମରେ ତିନି ଥାକିଆ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରଥମ ଥାକରେ ରାଜ୍ୟ ପୋଲିସ କର୍ମଚାରୀ, ଦ୍ୱିତୀୟ ଥାକରେ ରାଜ୍ୟ ରିଜର୍ଭ ପୋଲିସ କର୍ମଚାରୀ ଓ ତୃତୀୟ ଥାକରେ ସିଆରପିଏଫ୍ ବାଟାଲିଅନଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ଭୋଟ ଗଣତିକୁ ଆଖି ଆଗରେ ରଖି ଇଞ୍ଜିନିୟରିଂ କଲେଜ ପରିସରକୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।



କୁନି କଳାକାରମାନଙ୍କ ଦ୍ୱାରା ଚନ୍ଦନ ଯାତ୍ରା ନାଟକ ପରିବେଷଣ କରାଯାଉଛି ।

# ରିଷିଡ଼ା ଚନ୍ଦନ ଯାତ୍ରା ଉଦ୍‌ଯାପିତ

**ରିଷିଡ଼ା,୧୩।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଚାଲିଥିବା ଚନ୍ଦନ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଅକ୍ଷୟ ତୃତୀୟାଠାରୁ ଚାଲିଥିବା ମହାଭାରତର ବିରାଟ ପର୍ବ ଭିନ୍ନ ଭିନ୍ନ ଦିବସରେ ନାଟକଗୁଡିକ ପରିବେଷଣ କରାଯାଇଥାଏ । ରବିବାର ରାତିରେ କିଚକ ବଧ ନାଟକ ସହ ଚନ୍ଦନ ଯାତ୍ରା ନାଟକ ଶେଷ ହୋଇଯାଇଛି । ଚଳିତବର୍ଷ ନାଟକରେ କୁନି କଳାକାରମାନଙ୍କ ଅଭିନୟ ସମସ୍ତଙ୍କୁ ଆକର୍ଷଣୀୟ କରିଥିଲା ।

ଭବାନୀପାଟଣା ପୌରସଂସ୍ଥା ଗୋଦାମ୍‌ରେ ନିଆଁ

# ଲକ୍ଷାଧିକ ଟଙ୍କାର ଯାନବାହନ, ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି

**ଭବାନୀପାଟଣା,୧୩।୫ (ଡି.ଏନ.ଏ.)**



ନିଆଁ ଲାଗି ପୋଡ଼ିଯାଇଥିବା ଟ୍ରାକ୍ଟର।

ଭବାନୀପାଟଣା ପୌର ସଂସ୍ଥା ଗାନ୍ଧୀ ପାର୍କ ପଛପଟେ ଥିବା କାଞ୍ଜିହାଉସସ୍ଥିତ ଗୋଦାମଠାରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଛି। ଫଳରେ ଲକ୍ଷାଧିକ ଟଙ୍କା ମୂଲ୍ୟର ଯାନବାହନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଏହା ଅତ୍ୟଧିକ ରୁଦ୍ରତାପ ଓ ପ୍ରବଳ ଗରମ ଯୋଗୁ ନିକଟରେ ଥିବା ବିଦ୍ୟୁତ୍ ତାରରେ ସର୍ଟ୍‌ସର୍କିଟ ନିଆଁ ଲାଗିଥିବା ସନ୍ଦେହ କରାଯାଉଥିବା ବେଳେ ଆଉ କିଛି ଏହା ଯୋଜନାବଦ୍ଧ ଭାବେ ଏହା କରାଯାଇଛି ବୋଲି ଅଭିଯୋଗ ହେଉଛି। ଅପରାହ୍ନ ପ୍ରାୟ ଏକ ଘଣ୍ଟାରେ ହଠାତ୍ ଭବାନୀପାଟଣା ପୌର ସଂସ୍ଥା ଗାନ୍ଧୀପାର୍କ ପଛପଟେ ଥିବା କାଞ୍ଜିହାଉସସ୍ଥିତ ଗୋଦାମ ଠାରେ ନିଆଁ ଲାଗିଥିଲା । ନିଆଁ ଲାଗିବା ଦେଖି ସ୍ଥାନୀୟବାସୀ ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ସେମାନେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ନିଆଁ ଲାଗି ସେଠାରେ ଥିବା ୨ଟି ଟ୍ରାକ୍ଟର ଓ ଗୋଟିଏ ଟ୍ରକର ଚକ ପୋଡି ଯାଇଥିବା ବେଳେ ଗୋଟିଏ ଶେଷପୁଲ, ୬ଟି ମୋବାଇଲ ଟଏଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ନଷ୍ଟ ହୋଇଥିବା ଜଣାପଡିଛି। ଏ ନେଇ ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇପାରି ନାହିଁ।

### ପ୍ରଚଣ୍ଡ ରୌଦ୍ରତାପରେ ଖଟୁଛନ୍ତି ଶ୍ରମିକ

**ଭବାନୀପାଟଣା,୧୩।୫ (ଡି.ଏନ.ଏ.)**

ଦିନକୁ ଦିନ ଖରାର ପ୍ରକୋପ ସାଙ୍ଗକୁ ତାତି ବଢି ଚାଲିଛି । କୌଣସି ଜରୁରୀ କାମ ଥିଲେ ହିଁ ଲୋକେ ବାଧହୋଇ ବାହାରୁଛନ୍ତି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ଶୁନଶାନ ହୋଇଯାଇଛି । ଏପରି ଟାଣ ଖରାରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳୁଛି । ଗୋଟିଏ ପଟେ ଖରା ପାଇଁ ଶ୍ରମିକମାନଙ୍କୁ ୧୧ଟାରୁ ଅପରାହ୍ନ ୩ଟା ଯାଏଁ କାର୍ଯ୍ୟରୁ ବିରତ ରଖିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମ ରହିଥିଲେ ମଧ୍ୟ ଭବାନୀପାଟଣା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, ଗ୍ରଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କୌଣସି ସଂସ୍ଥା ବା ବ୍ୟକ୍ତି କାର୍ଯ୍ୟରେ ନିୟୋଜିତ କରିପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ କଡା ନିର୍ଦ୍ଦେଶ ରହିଛି । ପୂର୍ବାହ୍ନରେ ଶ୍ରମିକଙ୍କୁ କାର୍ଯ୍ୟରେ ଲାଗାଉଥିଲେ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ରହିଛି । ମାତ୍ର ସହରର ତଥା ଆଖପାଖ ଅଞ୍ଚଳରେ ସରକାରଙ୍କ ଏହି ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ୧୧ଟା ପରେ ମୁଣ୍ଡଫଟା ଖରାରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥାମାନେ ବିଭିନ୍ନ ନିର୍ମାଣ କାର୍ଯ୍ୟ, ଇଟାଭାଟି ପରି କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜନ କରାଯାଉଛି । ସେହିପରି ଖରାରେ କାମ ଚାଲୁଥିବା ବେଳେ ଘଟଣାସ୍ଥଳରେ ଆବଶ୍ୟକ ପାନୀୟ ଜଳ ଓ ଅଂଶୁଘାତ ପ୍ରତିକାର ସାମଗ୍ରୀ ରଖାଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକଙ୍କୁ ପଚାରିବାରୁ ଖରାବେଳେ ଶ୍ରମିକଙ୍କୁ କୌଣସି କାର୍ଯ୍ୟରେ ନ ଲଗାଇବା ପାଇଁ ବିଭିନ୍ନ ବିଭାଗ ଯନ୍ତ୍ରୀମାନଙ୍କୁ ଚିଠି କରାଯାଇଛି । ତଥାପି ଯଦି କୌଣସି ସ୍ଥାନରେ ନିର୍ଦ୍ଦେଶ ଅବମାନନା କରାଯାଇ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଯାଉଥାଏ। ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



ବାଲିଛଡା ମହାଭାରତ ମହାଯଜ୍ଞର ପ୍ରବଚନ କାର୍ଯ୍ୟକ୍ରମ ।

# କଳାହାଣ୍ଡିର ଅନନ୍ୟ ଉପାସନା ମହାଭାରତ ମହାଯଜ୍ଞ

**କଲମପୁର,୧୩।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଅନନ୍ୟ ଉପାସନା ହେଉଛି ମହାଭାରତ ମହାଯଜ୍ଞ । ଏହି ମହାଯଜ୍ଞ କେବଳ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡରେ ହିଁ ଆୟୋଜନ କରାଯାଉଥିବା ବେଳେ ଅନ୍ୟତ୍ର ଆୟୋଜନ କରାଯାଉ ନ ଥିବା ଜଣାଯାଏ। ତେଣୁ ଏହି ମହାଯଜ୍ଞର ସ୍ୱତନ୍ତ୍ରତା ରହିଛି । ଏହା ସାଧାରଣତଃ ବୈଶାଖ ମାସରେ ମାସ ବ୍ୟାପି ଅନୁଷ୍ଠିତ ହୋଇଥାଏ । ଏହି ମହାଯଜ୍ଞ ସର୍ବ ପ୍ରଥମେ କଳାହାଣ୍ଡି ଜିଲା ଆମ୍ବଯୋର ଗ୍ରାମରେ ବହୁ ବର୍ଷ ପୂର୍ବେ ଆୟୋଜନ କରାଯାଇଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କହନ୍ତି । ଚଳିତବର୍ଷ ଗତ ଏପ୍ରିଲ ୧୯ ତାରିଖଠାରୁ ଏହି ମହାଭାରତ ମହାଯଜ୍ଞ କଲମପୁର ବ୍ଲକ ଚୀରସ୍ରୋତା ହାତୀ ନଦୀ କୂଳରେ ଅବସ୍ଥିତ ବାଲିଛଡା ଆମ୍ରକୁଞ୍ଜରେ ତୃତୀୟ ଥର ଆୟୋଜନ କରାଯାଇଛି। ଏହି ପବିତ୍ର ଯଜ୍ଞସ୍ଥଳରେ ଦୁଇ ଶହରୁ ଅଧିକ ବ୍ରତୀବ୍ରତ ଧାରଣ ପୂର୍ବକ ଅସ୍ଥାୟୀ କୁଟିର ନିର୍ମାଣ କରି ଅବସ୍ଥାନ କରୁଛନ୍ତି। ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦଜୀ ଏହି ମହାଯଜ୍ଞକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଯଶୋବନ୍ତ ବେହେରା ଏବଂ ଶଳିଳା ବେହେରା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପୁରୀ ଲଙ୍କା ମଠର ଅଧ୍ୟକ୍ଷ ସତ୍ୟାନନ୍ଦ ଦାସ ବ୍ୟାସ ଭାବେ ମହାଭାରତ ପୁରାଣ ପାରାୟଣ କରୁଛନ୍ତି । ଏହି ମହାଯଜ୍ଞରେ ମହାଭାରତ ପାରାୟଣ ସହିତ ପ୍ରତ୍ୟହ ସକାଳେ ଗୀତା ଜ୍ଞାନ ଯଜ୍ଞ, ପୂର୍ବାହ୍ନ ୧୧ରୁ ୧ଟା ଯାଏ ପ୍ରବଚନ ଓ ସନ୍ଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଯାହାକି ବ୍ରତୀ ଏବଂ ଭକ୍ତମାନଙ୍କ ମନକୁ ମୋହି ନେଇ ଭକ୍ତିଭାବନ ସୃଷ୍ଟି କରୁଛି। ପୁରୀର କଥାବ୍ୟାସ ସତ୍ୟାନନ୍ଦ ଦାସ ଜଗନ୍ନାଥ ସଂସ୍କୃତି ଉପରେ ୫ ଦିନ ଧରି ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିବା ବେଳେ ବାଲେଶ୍ୱରର ଡ. ସନତ୍ କୁମାର ଦାସ ମହାଭାରତ ପ୍ରସଙ୍ଗକୁ ୫ ଦିନ ସରଳ ଭାବେ ପ୍ରବଚନ ମାଧ୍ୟମରେ ବ୍ୟାଖ୍ୟା କରିଥିଲେ। ପୁରୀ ନେବଳ ମଠରୁ ଆସିଥିବା କଥାବ୍ୟାସ ରାମଚରଣ ଦାସ ରାମଚରିତ ମାନସକୁ୯ ଦିନ ଧରି ସୁନ୍ଦର ଭାବେ ବର୍ଣନା କରିଥିଲେ । ସ୍ୱାମୀ ସନ୍ତୋଷ ଚୈତନ୍ୟ ଜୀ ସପ୍ତାହବ୍ୟାପି ଶ୍ରୀମଦ ଭାଗବତକୁ କଥାବ୍ୟାସ ଭାବେ ପୁଙ୍ଖାନୁପୁଙ୍ଖ ଭାବେ ସରଳ ଭାଷାରେ ପ୍ରବଚନ ପ୍ରଦାନ କରିଥିଲେ । କଥାବ୍ୟାସମାନଙ୍କ ପ୍ରବଚନ ଖୁବ ହୃଦୟ ସ୍ପର୍ଷି ଏବଂ ଉଚ୍ଚକୋଟିର ହୋଇଥିବା ବେଳେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥମାନଙ୍କ ଆଗମନରେ ମହାଯଜ୍ଞର ପରିବେଶକୁ ଆହୁରି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରୁଛି । ପୁରୀରୁ ଆସିଥିବା ସ୍ୱାମୀ ଶୋଭାନନ୍ଦ ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହାଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବିଷ୍ଣୁ ଶହସ୍ର ନାମ ଅର୍ଚ୍ଚନ କାର୍ଯ୍ୟକ୍ରମ ବୋକାରୋ ଚିନ୍ମୟ ଆଶ୍ରମରୁ ଆସିଥିବା ସଂଜୁକ୍ତା ଦେବୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୨୦୩ ଜଣ ବ୍ରତୀ ଅଂଶ ଗ୍ରହଣ କରିଥିଲେ । ରବିବାର ସନ୍ଧ୍ୟାରେ ଆୟୋଜିତ ଶ୍ରୀହରି ହାଟରେ ଓଡିଆ ଭାଗବତକୁ ୬୪ ଜଣ ବ୍ୟାସ ଏକାସାଙ୍ଗରେ ପାଠ କରି ୨ ଘଣ୍ଟା ମଧ୍ୟରେ ସମାପ୍ତ କରିଥିଲେ। ଶ୍ରୀହରି ହାଟରେ ଭକ୍ତଗଣ ଏବଂ ସାଧୁ ସନ୍ଥମାନେ ସଂକୀର୍ତ୍ତନର ତାଳେ ତାଳେ ହରେ କୃଷ୍ଣ ହରେ ରାମ ମହାମନ୍ତ୍ରରେ ନାଚି ନାଚି ଆତ୍ମବିଭୋର ହୋଇ ଉଠିଥିଲେ । ପ୍ରତ୍ୟହ ଏହି ମହାଯଜ୍ଞରେ ୧୦ରୁ ୧୫ ହଜାର ଭକ୍ତଙ୍କ ସମାଗମ ହେଉଛି ।

ସାହାଯ୍ୟର ହାତ୍ ବଢ଼ାଲା ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ବୁଧବାର ସୁରେନ୍ଦ୍ରର ଚିକିତ୍ସା ଆରମ୍ଭ ହେବ

**ଜୁନାଗଡ଼,୧୩।୫ (ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କୁଲିହାରୀ ଗାଁର ଧନେଶ୍ୱର ବାଗଙ୍କର ୬ ବଛର୍‌ର ପୁଓ ସୁରେନ୍ଦ୍ର ଗଲା ୪ ବଛର ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ୍ ଅଛନ୍। ରୋଗ୍ ପରଭାବରେ ଅନେକ ସମିଆରେ ତାକର ପେଟ ଫୁଲି ଯାଉଛେ ଉସ୍‌ରି ଯାଉଛେ। ଯେନ୍‌ଥିରଲାଗି ଖେଲାବୁଲା, ପାଠ୍‌ପଢ଼ା ମୂଳ କରବାର ସମିଆରେ ସେ ସବୁବେଲେ ଘରେ ପଡ଼ିରହିଛନ୍। ଏନ୍‌ତାଥି ନିହାତି ଗରିବ୍ ବାପ୍ ଧନେଶ୍ୱର ଆର ମା’ କୁମୁଦିନୀ ଦୁଖେ ଭାଂଗିପଡ଼ିଥିଲେ। ଅସାହା ମା’ବାପ୍‌ର ଦୁଖ୍‌କେ ନେଇ ଗଲା ରଏବାର ୧୨ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘କିଡ୍‌ନୀ ରୋଗ୍‌ରେ ପୀଡ଼ିତ ୬ ବଛରିଆ ଛୁଆ: ଚିକିତ୍ସା ଲାଗି ଟଁକା ବାଧକ୍’ ଶୀରଷକ୍‌ରେ ଗୁଟେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସୁଆସ୍ତିଅ ବିଭାଗ ତରଫୁ ପଦକ୍ଷେପ ନିଆଯାଇଛେ।

କିଡ୍‌ନୀ ରୋଗ୍‌ରେ ପୀଡ଼ିତ ସୁରେନ୍ଦ୍ରକଁର ଚିକିତ୍ସା ଲାଗି ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସାହାଯ୍‌ର ହାତ୍ ବଢ଼େଇଛେ। ସୋମବାର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେ) ମୋବାଇଲ ହେଲଥ୍ ଟିମର ଡାକ୍‌ତର ସୁରଙ୍ଗିନୀ ମିଶ୍ର ଆର ତାକର ଦଲ କୁଲିହାରୀରେ ପୁହୁଁଚିଥିଲେ। ସେଠାନେ ଡାକ୍‌ତର ମିଶ୍ର କିଡ୍‌ନୀ ରୋଗ୍‌ରେ ପୀଡ଼ିତ ସୁରେନ୍ଦ୍ରକଁର ସୁଆସ୍ତିଅ ପରୀକ୍ଷା କରିଥିଲେ। ବୁଧବାର ଭବାନୀପାଟଣାରେ ଥିବାର ଜିଲା ସହଳ ଚିକିତ୍ସା କେନ୍ଦ୍ରରେ ସୁରେନ୍ଦ୍ରକଁର ଚିକିତ୍ସା କରାଯିବା ବଲି ଜନାଯାଇଛେ।



ଡାକ୍‌ତର ସୁରଙ୍ଗିନୀ ମିଶ୍ର ସୁରେନ୍ଦ୍ରର ସୁଆସ୍ତିଅ ପରୀକ୍ଷା କରୁଛନ୍।

## ଫଟୋରେ ଖବର



ନୂଆପଡା ଜିଲା ଖଡିଆଳ ବରିଷ୍ଠ ନାଗରିକ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଫନୀ ପୀଡିତଙ୍କ ସକାଶେ ଜିଲାପାଳଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।



ପ୍ରବଳ ଖରା ସତ୍ତ୍ୱେ ସ୍ଥାନୀୟ ଝିଲମିଲା ଗାଁର ଶ୍ରମିକମାନେ କେନ୍ଦୁପତ୍ର ଗୋଦାମ ନିକଟରେ କାମ କରୁଛନ୍ତି ।



ନୂଆପଡ଼ା ଜିଲା ଖଡିଆଳ ଏନଏସିର କଲ୍ୟାଣ ମଣ୍ଡପ-୨ ନିକଟରେ ଅଳିଆ ଆବର୍ଜନା ପଡିଥିବା ବେଳେ ଗୋରୁ ଖାଉଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୪ ମେ, ୨୦୧୯



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍, ୧୩।୫:** ବରଗଡ଼-ସୋହେଲା ରାସ୍ତାର ଦଶମାଇଲ ଛକରେ ସୋମବାର ପୂର୍ବାହ୍ନରେ ବାଇକ୍‌କୁ ଟ୍ରାକ୍ଟର ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଆରୋହୀ ହେଲେ ଜଟର୍ଲା ଗ୍ରାମର ବିକ୍ରମ ପ୍ରଧାନ। ଏହି ଦୁର୍ଘଟଣାରେ ତାଙ୍କ ଭାଇ ଶଙ୍କର୍ଷଣ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।
ପ୍ରକାଶ ଯେ, ଦୁଇ ଭାଇ ବିକ୍ରମ ଓ ଶଙ୍କର୍ଷଣ ଏକ ବାଇକ୍ ଯୋଗେ ଯାଉଥିଲେ । ଦଶମାଇଲ ଛକ ନିକଟରେ ଦ୍ରୁତବେଗରେ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ବିକ୍ରମଙ୍କୁ ମୃତ ଘୋଷଣା କରାଯାଇଥିଲା। ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି ।

### ବୈଶାଖ ମେଳା ଆରମ୍ଭ

**ପାଇକମାଳ, ୧୩।୫ (ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ସୋମବାର ବୈଶାଖ ମେଳା ଆରମ୍ଭ ହୋଇଛି । ଏହାସହ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୧୦୮ ଜଳପୂର୍ଣ୍ଣ କଳସ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି । ଯଜ୍ଞ ମଣ୍ଡପ ପୂଜନ ସମାରୋହରେ ୧୧ ଜଣ ପଣ୍ଡିତଙ୍କ ସହ ମୁଖ୍ୟପଣ୍ଡିତ ଡିଗ୍ରୀଧର ଦେବତା ଦାୟିତ୍ୱ ତୁଲାଉଛନ୍ତି । ଶଙ୍କର ଭୁଏ ଓ ତାଙ୍କ ସ୍ତ୍ରୀ ପ୍ରେମ ଭୁଏ ଯଜ୍ଞ କର୍ତ୍ତା ଅଛନ୍ତି। ବିଡିଓ ସଦାଶିବ ନାୟକ, ରମେଶ ଚନ୍ଦ୍ର ସେଠି, ପୁରନ୍ଦର ସାହୁ, ରୋହିତ ମିଶ୍ର, ବାସନ୍ତୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଦୁର୍ଘଟଣାରେ କାର୍ ଚୂରମାର୍

**ବରଗଡ଼ ଅଫିସ୍, ୧୩।୫:** ବରଗଡ଼ ସହରର ଗୁରୁଦ୍ୱାରା ଛକ ନିକଟରେ ସୋମବାର ଭୋର୍ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ଅନ୍ୟ ଏକ କାର୍‌ର ସମ୍ମୁଖ ଭାଗ ଚୂରମାର୍ ହୋଇ ଯାଇଛି । ତେବେ ସୌଭାଗ୍ୟକ୍ରମେ କାର୍ ଚାଳକ ରକ୍ଷା ପାଇ ଯାଇଛନ୍ତି ।

### ତାରକାସୁର ଚୟନ ପ୍ରତିଯୋଗିତା

**ବରପାଲି, ୧୩।୫ (ଡି.ଏନ.ଏ):** ଐତିହ୍ୟ ସମ୍ପନ୍ନ ବରପାଲି ଶୀତଳଷଷ୍ଠୀ ଯାତ୍ରାର ୧୪୨ତମ ବର୍ଷ ପାଇଁ ତାରକାସୁର ଚୟନ ପ୍ରତିଯୋଗିତା ରବିବାର ସମ୍ପନ୍ନ ହୋଇଛି। ଏଥିରେ ଅଭିନୟ କରିବା ପାଇଁ ୪ଜଣ କଳାକାର ବୀରବଜରଙ୍ଗ ମେହେର, ଗୋଲାପ ଦାଶ, ବୃନ୍ଦାବନ ପଧାନ ଓ ଦେବରାଜ ଛତ୍ରିଆ ପ୍ରମୁଖ ପ୍ରତିଦ୍ୱନ୍ଦୀ ଭାବେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏମାନଙ୍କ ମଧରୁ କିଏ ଶ୍ରେଷ୍ଠ ବିବେଚିତ ହେବେ ତାହା ଯାତ୍ରା କମିଟି ନିଷ୍ପତ୍ତି ନେଲା ପରେ ଘୋଷଣା କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି ।

■ ଭୋଟ୍ ଦେଇ ସାମାଜିକ ବାସନ୍ଦ ହେବା ଘଟଣା

# ମାସେ ବିତିବ, ହୋଇନି ସମାଧାନ

**ବରଗଡ଼ ଅଫିସ୍, ୧୩।୫**



ସାମାଜିକ ବାସନ୍ଦ ହୋଇଥିବା ପରିବାର ସଦସ୍ୟ ଜିଲାପାଳଙ୍କୁ ଭେଟୁଛନ୍ତି ।

■ ନିଆଁ, ପାଣି ବନ୍ଦ ଯୋଗୁ ବହୁ ହଟହଟା
■ ଜିଲାପାଳଙ୍କୁ ଭେଟିଲେ ପରିବାର ଲୋକେ
■ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଲେ ଜିଲାପାଳ

ସାଧାରଣ ନିର୍ବାଚନରେ ଭୋଟ୍ କେନ୍ଦ୍ରକୁ ଯାଇ ନିଜ ମତାଧିକାର ସାବ୍ୟସ୍ତ କଲେ । ମାତ୍ର ମତଦାନ ସେମାନଙ୍କ ପାଇଁ ମହଙ୍ଗା ପଡ଼ିଲା। ମତଦାନ କରିଥିବା ବରଗଡ଼ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ରାସାଲି ଗ୍ରାମର ଅରକ୍ଷିତ ସାହୁ ଓ ଶିବ ବୁଦ୍ଧିଆଙ୍କ ପରିବାରକୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଛନ୍ତି । ଘଟଣାକୁ ନେଇ ସମ୍ପୃକ୍ତ ପରିବାର ଲୋକେ ଜିଲା ପ୍ରଶାସନ ଦୃଷ୍ଟିକୁ ମଧ୍ୟ ଆଣିଛନ୍ତି । ହେଲେ ବିଡ଼ମ୍ବନାର ବିଷୟ, ଏଭଳି ଏକ ଅଭାବନୀୟ ଘଟଣାକୁ ଆଉ ୫ଦିନ ପରେ ମାସେ ବିତିବ । କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅନ୍ୟପଟେ ମତଦାନ ପରେ ସାମାଜିକ ବାସନ୍ଦର ସମ୍ମୁଖୀନ ହୋଇଥିବା ଉଭୟ ପରିବାର ଲୋକେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣାର ସମାଧାନ ତଥା ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୋମବାର ଉଭୟ ପରିବାରର ବିକାଶ ଓ ସଞ୍ଜିବ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ସେମାନେ ଘଟଣା ଉପରେ କହିବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ନିବେଦନ କରିଛନ୍ତି । ସେ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ତ୍ରିପାଠୀ କହିଛନ୍ତି ।

ପ୍ରକାଶ ଯେ, ଗତ ଏପ୍ରିଲ ୧୮ତାରିଖରେ ବରଗଡ଼ ଜିଲାରେ ଭୋଟ୍ ଗ୍ରହଣ ଥିଲା । ରସାଲି ଗ୍ରାମର ଭୋଟରଙ୍କ ମତଦାନ ପାଇଁ ତରାକନାରେ ଭୋଟଗ୍ରହଣ କେନ୍ଦ୍ର ରହିଥିଲା । ମାତ୍ର ଏହି ଗ୍ରାମର ଲୋକେ ସେଠାକୁ ଭୋଟ୍ ଦେଇ ନ ଯିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଗ୍ରାମର ଅରକ୍ଷିତ ଓ ଶିବଙ୍କ ପରିବାର ଲୋକେ ତରାକନା ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଭୋଟ୍ ଦେଇଥିଲେ। ଏହା ସହିତ ଅନ୍ୟ ୨ପରିବାରର ଆଉ ୬ଜଣ ମଧ୍ୟ ସେଠାକୁ ଭୋଟ୍ ଦେବାକୁ ଯାଇଥିଲେ । ମାତ୍ର ସେମାନଙ୍କ ଉପରେ ଆକ୍ରୋଶ ମନୋଭାବ ରଖି କେବଳ ତାଙ୍କ ପରିବାର ଲୋକଙ୍କୁ ଗ୍ରାମରେ ନିଆଁ, ପାଣି ବନ୍ଦ କରି ସାମାଜିକ ବାସନ୍ଦ କରାଯାଇଥିବା ଅରକ୍ଷିତ ଓ ଶିବଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଜିଲା ପ୍ରଶାସନ ପାଖରେ ଏ ନେଇ ଅଭିଯୋଗ ହେବା ପରେ କିଛି ପ୍ରଶାସନିକ ଅଧିକାରୀ ଗ୍ରାମକୁ ପହଞ୍ଚି ସମାଧାନର ଉଦ୍ୟମ କରିଥିଲେ । ମାତ୍ର ଏଯାଏ ଏହି ଘଟଣାର ସମାଧାନ ହୋଇପାରି ନାହିଁ । ଏ ନେଇ ଜିଲାପାଳ ତ୍ରିପାଠୀ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ବିଡ଼ିଓ, ତହସିଲଦାର ଏବଂ ଥାନା ଆଇଆଇସିଙ୍କୁ ସେହି ଗାଁକୁ ପଠାଯାଇଥିଲା। ସେମାନେ ବୁଝାଶୁଝା କରିବା ପରେ ଘଟଣାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ସମାଧାନ ହୋଇନାହିଁ ବୋଲି ଜାଣି ନ ଥିଲି । ନିଶ୍ଚୟ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ମହାନଦୀରେ ବେଆଇନ ବ୍ଲାଷ୍ଟିଂ

# ଜୀବିକା ହରାଉଛନ୍ତି ଧୀବର

**ଅତାବିରା, ୧୩।୫ (ଡି.ଏନ.ଏ)**

ବରଗଡ ଓ ସମ୍ବଲପୁର ଜିଲା ସୀମାରେ ଥିବା ମହାନଦୀରୁ ଧୀବରମାନେ ମାଛ, ଚିଙ୍ଗୁଡି ମାରି ନିଜ ପରିବାର ଭରଣପୋଷଣ କରୁଛନ୍ତି । ମହାନଦୀରେ ପ୍ରତିଦିନ ବ୍ଲାଷ୍ଟିଂ କରି ମାଛ ମରାଯାଉଥିବାରୁ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡିଛି। କେତେକ ବ୍ୟକ୍ତି ବିଭିନ୍ନ କମ୍ପାନୀର କୀଟନାଶକ ମହାନଦୀରେ ପକାଇ ମାଛ, ଚିଙ୍ଗୁଡି ମାରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଯୋଗୁ ମାଛ, ଚିଙ୍ଗୁଡି ଲୋପ ପାଇବାକୁ ବସିଲାଣି। ମାଛ କିଲୋ ୮୦ ଟଙ୍କାରୁ ୧୦୦ ଟଙ୍କା ଥିବା ବେଳେ ଚିଙ୍ଗୁଡି କିଲୋ ୬ରୁ ୭ଶହ ଟଙ୍କା ବିକ୍ରି କରାଯାଉଛି। ବ୍ଲାଷ୍ଟିଂ କରି ମରାଯାଉଥିବା ମାଛକୁ ଲୋକେ ଖାଇ ରୋଗରେ ପଡୁଛନ୍ତି। ଏ ନେଇ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ବେଆଇନ ବ୍ଲାଷ୍ଟଇଂ ଉପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ବରଗଡ଼ ଅଫିସ୍, ୧୩।୫**

ବରଗଡ଼ ଜିଲା ଖାଉଟୀ ଅଦାଲତ ଧାନ ବିହନ କିଣି ଚାଷୀ ଠକେଇର ସମ୍ମୁଖୀନ ହୋଇଥିବା ନେଇ ୨ଟି ପୃଥକ୍ ମାମଲାର ବିଚାର କରି ଖାଉଟି ଅଦାଲତ କ୍ଷତିଗ୍ରସ୍ତ ପଦ୍ମପୁରର ଦୁଇଜଣ ଚାଷୀ ରମଣୀ ରଞ୍ଜନ ବାରିକ ଓ ଶଶୀକାନ୍ତ ପାଢ଼ୀଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି । ଜିଲା ଖାଉଟି ଫୋରମ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ସଭ୍ୟ ଅଜନ୍ତା ଶୁଭଦର୍ଶିନୀ ମାମଲାର ବିଚାର କରି ଉଭୟ ଚାଷୀଙ୍କୁ ୧ଲକ୍ଷ ୨୬ହଜାର ଟଙ୍କା ଓ ମକଦ୍ଦମା ପରିଚାଳନା ବାବଦ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ୍ ସୋସାଇଟିକୁ ନିର୍ଦ୍ଦେଶ ଦେଇଛନ୍ତି । ମାସକ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରା ନ ଗଲେ ଅଧିକ ୬ପ୍ରତିଶତ ସୁଧ ହାରରେ କ୍ଷତିପୂରଣ ରାଶି ଆଦାୟ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

ସୂଚନା ଅନୁସାରେ, ଉପରୋକ୍ତ ଦୁଇ ଚାଷୀ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ ସୋସାଇଟି ଜରିଆରେ ୧ଲକ୍ଷ ୨୬ହଜାର ଟଙ୍କା ଲେଖାଏଁ ମୂଲ୍ୟର ସ୍ୱର୍ଣ୍ଣା ଧାନ ବିହନ କ୍ରୟ କରିଥିଲେ । ବିହନ ବୁଣିବା ପରେ ସେଥିରୁ ଫସଲ ହେଲା ନାହିଁ । ଫଳରେ ଆର୍ଥିକ କ୍ଷତିପୂରଣ ନିମନ୍ତେ ଉଭୟ ଚାଷୀ ପଦ୍ମପୁର କୃଷି ଅଧିକାରୀ ଏବଂ ଉପଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ମାତ୍ର ଆର୍ଥିକ କ୍ଷତିପୂରଣ ପ୍ରଦାନ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସମ୍ପୃକ୍ତ ଚାଷୀମାନେ ବରଗଡ଼ ଜିଲାପାଳଙ୍କ ଅଫିସର ଅଭିଯୋଗ ପ୍ରକୋଷ୍ଠକୁ ମଧ୍ୟ ଫେରାଦ ହୋଇଥିଲେ । ତଥାପି ସୁଫଳ ମିଳି ନ ଥିଲା । ଉଭୟ ଚାଷୀ ବରଗଡ଼ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଖାଉଟି ଅଦାଲତରେ କେଶ ନଂ-୮/୨୦୧୭ ଏବଂ କେଶ ନଂ-୯/୨୦୧୭କ୍ରମେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ଏଥିରେ ପଦ୍ମପୁର ପ୍ରାଇମେରୀ କୋ ଅପରେଟିଭ ସୋସାଇଟି ସଭାପତି ଏବଂ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆଡ଼ଭୋକେଟ୍ ଦ୍ୟୁତିଶ କୁମାର ଆଚାର୍ଯ୍ୟ, ସୁଶୀଲ ମହାପାତ୍ର ଏହି ମାମଲା ପରିଚାଳନା କରିଥିଲେ । ଆଡ଼ଭୋକେଟ୍ ବିବେକାନନ୍ଦ ସାହୁ, ମନୋଜ କୁମାର ସାହୁ ଏବଂ ଦେବବ୍ରତ ଆଚାର୍ଯ୍ୟ ସହଯୋଗ କରିଥିଲେ ।

# ପ୍ରଦର୍ଶନୀ କ୍ରିକେଟ୍: ଶିକ୍ଷକ ଏକାଦଶ ବିଜୟୀ

**ପଦ୍ମପୁର, ୧୩।୫ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଦେଉଳୀ ଗ୍ରାମ ଖେଳ ପଡିଆଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶିକ୍ଷକ ଏକାଦଶ ବନାମ ଦେଉଳି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଏକାଦଶ ଟସ ଜିତି ଖେଳ ଆରମ୍ଭ କରିଥିଲା। ମ୍ୟାଚରେ ୭ ରନରେ ଦେଉଳି ଏକାଦଶ ପରାସ୍ତ ହୋଇଥିଲା। ଦୀପକ ସାହୁ ଓ ମୋହନ ଭୋଇ ଅମ୍ପାୟାରିଂ କରିଥିବା ବେଳେ କୁନାଲ ସିଦ୍ଧାର, ରୂପକ ସାହୁ ସ୍କୋରର ଥିଲେ। ଶିକ୍ଷକ ଏକାଦଶର ଶିଶିର ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ରାମାଗାର ନ ଥିବାରୁ, ଯାତ୍ରୀ ହନ୍ତସନ୍ତ

**ଅତାବିରା, ୧୩।୫ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଓ ଗୋଡଭଗା କ୍ୟାମ୍ପ ଛକ ଏକ ବ୍ୟବସାୟ ପେଣ୍ଠସ୍ଥଳ। ଏଠାରେ ପ୍ରତିଦିନ ଜନଗହଳି ହୋଇଥାଏ । ଏହି ଦୁଇଟି ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନେ କେଉଁ ଦୋକାନ ବାରଣ୍ଡାରେ ଟାଣ ଖରାରେ ଛିଡା ହୋଇ ଯାନବାହନ ଅପେକ୍ଷାରେ ରହୁଛନ୍ତି। ଦୀର୍ଘ ଦିନରୁ ଏହି ଦୁଇଟି ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଗୋଡଭଗା ନାଗରିକ କମିଟି ସଭାପତି ହାରାଧନ ବାରିକ ପ୍ରଶାସନ ନିକଟରେ ଦାବି କରିଥିଲେ । ହେଲେ ଏଯାଏ କୌଣସି ସୁଫଳ ମିଳିପାରିନାହିଁ। ଏଥିପ୍ରତି ଉଭୟ ଜିଲା ପ୍ରଶାସନ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବା ପାଇଁ ନାଗରିକ କମିଟି ଦାବି କରିଛି ।

# ବିଦ୍ୟୁତ୍ ନାହିଁ, ବିଲ୍ ଆସୁଛି

**ଜାମଟିକ୍ରା, ୧୩।୫ (ଡି.ଏନ.ଏ)**

ଅତାବିରା ଏନଏସିର ୧ ନମ୍ବର ୱାର୍ଡରେ ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ବିପିଏଲ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ସେମାନଙ୍କ ଘରେ ମିଟର, ସୁଇଚ ବୋର୍ଡ ଲଗାଇ ତାର ମଧ୍ୟ ଟଣାଯାଇଛି। କିନ୍ତୁ ୨ ବର୍ଷ ବିତିବା ପରେ ମଧ୍ୟ ବିଦ୍ୟୁତ ସଂଯୋଗ ଦିଆଯାଇନି । କିନ୍ତୁ ପରିତାପର ବିଷୟ ବିନା ବିଦ୍ୟୁତ୍ ସଂଯୋଗରେ ଏହି ୱାର୍ଡର ଶିବ କୁମ୍ଭାରଙ୍କ ପାଖକୁ ମାସିକ ବିଲ୍ ୭୨୫ ଟଙ୍କା ଆସିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଏହି ୱାର୍ଡର ଗୋଲାପି ମହାନନ୍ଦ କହିଛନ୍ତି, ବିନା ବିଦ୍ୟୁତ ସଂଯୋଗରେ ମଧ ତାଙ୍କ ପାଖକୁ ୫ଶହ ଟଙ୍କାର ବିଲ୍ ଆସିଛି । ବିଦ୍ୟୁତ ବିଭାଗର ବିଚିତ୍ର ନୀତି ଯୋଗୁ ଜନଅସନ୍ତୋଷ ବଢୁଛି । ଏ ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଏସଡିଓ ବିଜୟ କୁମାର ବେହେରା କହିଛନ୍ତି ।

# ମଣ୍ଡିରୁ ଉଠିଲା ଧାନ, ଟଳିନି ଅଭାବୀ ବିକ୍ରି ଆଶଙ୍କା

**ବରଗଡ଼ ଅଫିସ୍, ୧୩।୫**



ବରଗଡ଼ ଜିଲା ଗୋଡ଼ଭଗା ମଣ୍ଡିରେ ସଂଗୃହୀତ ଧାନ ମିଲକୁ ନେବା ପାଇଁ ଉଠାଯାଉଛି ।

ବରଗଡ଼ ଜିଲାରେ ଖୋଲିଥିବା ମଣ୍ଡି ଗୁଡ଼ିକରୁ ସୋମବାରଠାରୁ ଧାନ ଉଠାଣ କାର୍ଯ୍ୟ ଆରମ୍ଭ ହୋଇଛି । ଧାନ ଉଠାଣ ଆରମ୍ଭ ହେବା ପରେ ଚାଷୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି । ମାତ୍ର ଧାନ ଉଠାଣରେ ଶୀଥିଳତା ପରିଲକ୍ଷିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମଣ୍ଡିରେ ପଡ଼ିଥିବା ଧାନକୁ ଯୁଦ୍ଧକାଳୀନ ଭିତ୍ତିରେ ଉଠା ନ ଗଲେ ଆଗକୁ ବହୁ ପରିମାଣରେ କ୍ଷତିର ସମ୍ମୁଖୀନ ହେବେ ବୋଲି ଚାଷୀମାନେ କହିଛନ୍ତି । ଏହି କ୍ରମରେ ସୋମବାର ଚାଷୀ ପ୍ରତିନିଧି ପଞ୍ଚାନନ ଦଳପତି, ରବୀନ୍ଦ୍ର ବିଶି ପ୍ରମୁଖ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି । ଜିଲାପାଳ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଧାନ ଉଠାଣ କାର୍ଯ୍ୟ ଜାରି ହୋଇଛି ।

ଅତାବିରା ଆରଏମସିର ଗୋଡ଼ଭଗା, ଅତାବିରା, ଲରମ୍ବା ସମେତ ବିଭିନ୍ନ ମଣ୍ଡିରେ ସଂଗୃହୀତ ଧାନକୁ ମିଲର୍ସମାନେ ଉଠାଉଛନ୍ତି । ସେହିପରି ବରଗଡ଼ ଆରଏମସି ଅଧୀନ କଲାପାଣି, ତାଲଶ୍ରୀଗିଡ଼ା ସମେତ ବିଭିନ୍ନ ମଣ୍ଡିରୁ ମଧ୍ୟ ଧାନ ଉଠାଣ ଚାଲିଥିବା ଆରଏମସି ସୁପରଭାଇଜର ବିଜୟ ରାଉତ୍ ସୂଚନା ଦେଇଛନ୍ତି । ତେବେ ମଣ୍ଡିରେ ଧାନ ଉଠାଣ ଆରମ୍ଭ ହୋଇଥିଲେ ହେଁ ଏବେ ମଧ୍ୟ ଜିଲାର ବିଭିନ୍ନ ରାଇସ ମିଲ ଗୁଡ଼ିକରେ ଅଣ୍ଡରରେଟ୍‌ରେ କିଣାଯାଇଥିବା ବହୁ ପରିମାଣର ଧାନ ଗଚ୍ଛିତ ରହିଛି । ମିଲର୍ସମାନେ ସରକାରୀ ସହାୟକ ମୂଲ୍ୟଠାରୁ ପ୍ରାୟ ୩୦୦ ଟଙ୍କା କମ୍‌ରେ ଧାନ କିଣୁଛନ୍ତି । ଫଳରେ କେବଳ ଲୋକ ଦେଖାଣିଆ ଗୋଟିଏ ରାଇସ୍ ମିଲରେ ଯାଞ୍ଚ ନ କରି ପ୍ରତ୍ୟେକ ରାଇସ ମିଲରେ ଅତର୍କିତ ଚଢ଼ାଉ କରି ଯାଞ୍ଚ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସମ୍ପାଦକ କିଶୋର ଦେବତା କହିଛନ୍ତି ।

■ ଦିନୁଦିନ୍‌କେ ଭୁଗା, ଟୁପାର ଆଦର ଭାଉ କମୁଛେ

# ସଁକଟରେ ବାଉଁଶ କାରିଗର

**ବରପାଲି, ୧୩।୫ (ଡି.ଏନ.ଏ):**

ସମିଆ ବଦିଲବାର ସଂଗେ ଆମର ସମାଜରେ ଅନେକ ପରିବରତନ୍ ଦେଖିବାକେ ମିଳୁଛେ । ଆଏଜ୍‌କେ ୨୦ରୁ ୩୦ ବଛର ତଲେ ଲୋକ୍ କଁସା, ପିତଲ, ରୂପାର ବାସନ ବରତନ ବେଭାର କରୁଥିଲେ। ସେନ୍‌ତା ରଁଧାବଢ଼ାର ଲାଗି ମାଟି ହାଁଡ଼ି, ପାତ୍‌ଲିର ବଡ଼ଭାରି ବେଭାର ହେଉଥିଲା । ଲୋକ୍ ଚାଷ୍‌ବାସ୍, ବିହାବରପନ୍, ପୂଜାପାରବନରେ ବାଉଁଶ ତିଆରି ଭୁଗା, ଟୁପା, ଚଂଘରା, ଡ଼ଲା, ଲୁଦର, ତୁଲଂଗିର ବଡ଼ଭାରି ବେଭାର କରୁଥିଲେ। ହେଲେ ଆଏଜକାଲି ଇ ପୁରନା ଜିନିଷପାତିର ସେ ଆଘର ଆଦର ନାଁଇଁନ। ଇ ସବୁ ଜିନିଷପାତି ତିଆର ଲାଗି ଆମର ସମାଜରେ ଅନେକ ଜାତି ଅଛନ୍। ହେଲେ ସରକାରୀ ପୋରଛାହନ୍ ଅଭାବୁ ଅନେକ ଜାତି ନିଜର କୁଲବେଉସା ଛାଡ଼ି ଉନିଆ କାମ୍‌ଧଁଦା କରିବସଲେନ। ଏନ୍‌ତା ସଁକଟର ସାମନା କରୁଛନ୍ ପାତିକାର ସମାଜର ବାଉଁଶ କାରିଗରମାନେ। ପ୍ଲାଷ୍ଟିକ୍ ଜିନିଷପାତିର ବଡ଼ଭାରି ବେଭାର ଲାଗି ଲୋକ୍ ବାଉଁଶ ସାମାନକେ ଆଦର ନାଇଁକରବାର । ସଭେ ସସ୍‌ତା, ସୁଁଦର, ମଜବୁତ ଖୁଜୁଛନ୍, ଯେନ୍‌ଥିରଲାଗି ପ୍ଲାଷ୍ଟିକ୍ ଜିନିଷପାତି ଲୁକ୍‌କୁ ସୁହଉଛେ। ବିହାବରପନ, ପୂଜାପାଠକେ ଛାଡ଼ିଦେଲେ ଲୋକ୍ ବାଉଁଶ ସାମାନକେ ଗୁଚିରବାର ନାଇଁ। କାଁ ଭାଁ ଗାଁଗଁଲିରେ ଲୋକ୍ ଇ ବାଉଁଶ ତିଆରି ଭୁଗାଟୁପା, ଲୁଦର, ତୁଲଂଗି ବେଭାର କରୁଛନ୍। ଯେନ୍‌ଥିରଲାଗି ଦିନୁଦିନ୍‌କେ ବାଉଁଶ କାରିଗରି ଲୋପ୍ ପାଏବାକେ ବସଲାନ। ଇଆଢ଼େ ଜଂଗଲ ଆଇନ୍ କଡ଼ାକଡ଼ି ହେବାର ଲାଗି କାରିଗରମାନେ ସୁବିଧାରେ ବାଉଁଶ ନାଇଁପାଏବାର। ଯେନ୍‌ତା ଇ ଗାରିଗରୀ ବୁଡ଼ବାର ଆରଗୁଟେ ବଡ଼ କାରନ୍। ଏନ୍‌ତା ଦୁଇଛକିରେ ପଡ଼ିଛନ୍ ବରଗଡ଼ ଜିଲା ବରପାଲି ବ୍ଲକ ଲେଣ୍ଡା ପଁଚେତ୍‌ର ଅଇଁଠାପାଲିରେ ବାସକରୁଥିବାର ପାତିକାର ସମାଜର ୩୫ ପରିବାରର କାରିଗରମାନେ। ବାଉଁଶ ସାମାନ୍‌ର ଆଦର କମି କମି ଗଲାବେଳେ କଁଚାମାଲର ବଡ଼ଭାରି ଅଭାବ କାରିଗରମାନକୁ ଦୁଇଛକିରେ ପକେଇ ଦେଉଛେ। ବାପ ଅଜା ଅମଲୁ ଇ ସମାଜର ଲୋକ୍ ବାଉଁଶ କାରିଗରିକେ ନିଜର କୁଲବୁରତି ହିସାବେ ନେଇ ଚଲିଆସିଛନ୍। ବାଉଁଶରୁ ଭିନେ ଭିନେ ସାମାନ ତିଆରି ଆସର ପାସର ହାଟ ହଟଲିରେ ବିକାଭଂଗା କରି ନିଜର କୁଟୁମ ପୁଷୁଥିବାର କହିଛନ୍ କାରିଗର ଅର୍ଜୁନ ଭୋଇ, ରକ୍ଷାକାରୀ ବାଗ, କୁବେର ଭୋଇ ଆର କୁନୁ ବେହେରା । ସେମାନେ ଅଭାବ ଅସବିଧାରେ ଚାଷୀକରନୁ ବାଉଁଶ ଘିନି ଭିନେ ଭିନେ ସାମାନ ତିଆରୁଛନ୍। ସେଟାକେ ପାସର ସାପ୍‌ତାହିକ ବଜାରରେ ବିକାଭଂଗା କରୁଛନ୍। ବରପାଲି ଅଂଚଲରେ ଏହେଦେ ବାଉଁଶ ତିଆରି ଫୁଲଡାଟିର ବଡ଼ଭାରି ଚାହିଦା ରହିଛେ। ହେଲେ ଆଏକାଲି ଇ କାରିଗରମାନେ କାମ୍ ହିସାବେ ଦାମ୍ ନାଇଁ ପାଉଥିବାର କହିଛନ୍। ଯେନ୍‌ଥିରଲାଗି ଇ ବୁରତିରେ ମୁଠେ ଖାଇ ଡାଁଢ଼େ ବଁଚ୍‌ବାର ହେଉଛେ ବଲି କାରିଗର ଅର୍ଜୁନ ଭୋଇ କହିଛନ୍। ସରକାର ବାଉଁଶ କାରିଗରୀକେ କୁଟୀର ଶିଳ୍ପର ମାଏନ୍‌ତା ଦେଇ କାରିଗରମାନକୁ ପୋରଛାହନ ଯୁଗେଇଦେବାର କଥା। କାରିଗରମାନେ ପୋରଛାହନ୍ ପାଏଲେ କାରିଗରୀ ବଁଚ୍‌ବାର ସଂଗେ କାରିଗର ପରିବାରମାନକର ବୁରତି ବି ବଁଚି ରହେତା ବଲି କାରିଗର କୁବେର ଭୋଇ, ବଚ ସାହୁ, ରେଣୁକା ନାଏକ, ରକ୍ଷାକାରୀ ବାଗ ମତ ଦେଇଛନ୍।



କୁଲା ତିଆରିବାର ଲାଗି ଝନେ କାରିଗର ପାତିଆ କାଟୁଛନ୍।

# ଶିକ୍ଷକ ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀଙ୍କ ଗୁହାରି

**ବରଗଡ଼ ଅଫିସ୍, ୧୩।୫**



ଜିଲା ଆପତକାଳୀନ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ନିର୍ବାଚନ କାର୍ଯ୍ୟରେ ଯାଇଥିବାବେଳେ ଗତ ଏପ୍ରିଲ ୧୬ତାରିଖରୁ ଗୁରୁତର ଅସୁସ୍ଥ ଅବସ୍ଥାରେ ଶଯ୍ୟାଶାୟୀ ଥିଲେ ଶିକ୍ଷକ ହେମସାଗର ଭୁଏ । ହେମସାଗରଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସୋମବାର ତାଙ୍କ ସ୍ତ୍ରୀ ବେଲ କୁମାରୀ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆପାତକାଳୀନ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ରାକେଶ କୁମାର ନାୟକ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ହେମସାଗର ଅତାବିରା ବ୍ଲକ ଆମଝର ପ୍ରାଥମିକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି । ସାଧାରଣ ନିର୍ବାଚନ କାର୍ଯ୍ୟ ସମ୍ପାଦନ ପାଇଁ ସେ ଗତ ଏପ୍ରିଲ ୧୬ ତାରିଖରେ ସିକିଡ଼ି ପ୍ରାଥମିକ ସ୍କୁଲକୁ ଯାଇଥିଲେ। ଟାଣଖରା ଯୋଗୁ ସେହିଦିନ ସନ୍ଧ୍ୟା ୫ଟାରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏହାପରେ ତାଙ୍କୁ ବରପାଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ମଧ୍ୟ ହେମସାଗର କୋମା ଅବସ୍ଥାରେ ଘରେ ଶଯ୍ୟାଶାୟୀ ଥିବା ବେଲ କୁମାରୀ କହିଛନ୍ତି। ସ୍ୱାମୀଙ୍କ ଚିକିତ୍ସା ପାଇଁ ମାତ୍ରାଧିକ ଖର୍ଚ୍ଚ ହେଉଥିବା ଯୋଗୁ ତାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସେ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି ।